# ସରାଇ ଆପ୍ ସୁରକ୍ଷିତ

**ରାଜଧାନୀରେ ଥିବା ହୋଟେଲ, ଗେଷ୍ଟ ହାଉସରେ ରହୁଥିବା ଆଗନ୍ତୁକଙ୍କ ସମ୍ପର୍କିତ ବିବରଣୀ ରଖିବା ଉଦ୍ଦେଶ୍ୟରେ ୨୦୨୧ ଅଗଷ୍ଟ ୧୬ରେ ପୋଲିସ କମିଶନର 'ସରାଇ' ଆପ୍‌ର ଶୁଭାରମ୍ଭ କରିଥିଲେ। ବାହାରୁ ବୁଲିବାକୁ କିମ୍ବା ବ୍ୟବସାୟ କାର୍ଯ୍ୟରେ ଆସୁଥିବା ଲୋକଙ୍କ ତଥ୍ୟ ଏହି ଆପ୍‌ରେ ଉଲ୍ଲେଖ କରିବାକୁ କୁହାଯାଇଥିଲା। ଯାହାଫଳରେ କିଏ କେତେବେଳେ କେଉଁ ଉଦ୍ଦେଶ୍ୟରେ ଆସୁଛନ୍ତି ସେ ସମ୍ପନ୍ଧୀୟ ସୂଚନା ପୋଲିସ ନିକଟରେ ସହଜରେ ଉପଲବ୍ଧ ହୋଇପାରିବ। ହେଲେ ଏହାକୁ ଅଧିକାଂଶ ହୋଟେଲ ପାଳନ କରୁନାହାନ୍ତି। ଫଳରେ କିଛିଦିନ ତଳେ ପଶ୍ଚିମବଙ୍ଗ ଲୁଟେରା ଗ୍ୟାଙ୍ଗର ୪ ଜଣ ଗିରଫ ହେବା ପରେ ସେମାନେ ରହିଥିବା ୨ ହୋଟେଲ 'ସରାଇ' ଆପ୍ ଜରିଆରେ ତଥ୍ୟ ଦେଇ ନ ଥିବା ଜଣାପଡ଼ିଥିଲା। ତେଣୁ ପୋଲିସ ଉକ୍ତ ହୋଟେଲର ୨ ମ୍ୟାନେଜରଙ୍କୁ ଅଟକ ରଖିବା ପରେ ନୋଟିସ୍ ଦେଇ ଛାଡ଼ିଥିଲା। ଏହାପରେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଭିଡିଓ ମାଧ୍ୟମରେ ସମସ୍ତ ହୋଟେଲ ମାଲିକଙ୍କୁ ସତର୍କ କରାଇଛନ୍ତି। ଯେଉଁ ହୋଟେଲ କର୍ତ୍ତୃପକ୍ଷ ସରାଇ ଆପ୍ ଜରିଆରେ ଅତିଥିଙ୍କ ତଥ୍ୟ ଦେବେ ନାହିଁ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି, ଯାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। କୋଭିଡ୍ ମହାମାରୀ ସମୟରେ ହୋଟେଲ୍ ଶିଳ୍ପ ବହୁମାତ୍ରାରେ ପ୍ରଭାବିତ ହୋଇଥିବାବେଳେ ପୋଲିସ ବଳପୂର୍ବକ ହୋଟେଲ କର୍ତ୍ତୃପକ୍ଷଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ଉଠିଛି। ଏନେଇ ଧରିତ୍ରୀ ପକ୍ଷରୁ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶଙ୍କ ସହ ସ୍ୱତନ୍ତ୍ର ଆଲୋଚନା।**

**➩ ସରାଇ ଆପ୍ ହ୍ୟାକ୍ ହୋଇପାରିବ ନାହିଁ କି ? ଯଦି ଏହି ଆପ୍ ଦ୍ୱାରା କୌଣସି ନିରୀହ ଯାତ୍ରୀ କିମ୍ବା ବ୍ୟବସାୟୀ ପ୍ରତିନିଧିଙ୍କ ତଥ୍ୟ ଲିକ୍ ହୋଇଯାଏ, ତେବେ କ'ଣ ହେବ ?**

**ଡିସିପି:** ପୂର୍ବରୁ ଅନେକ ହୋଟେଲ ସେମାନଙ୍କ ଅତିଥିଙ୍କ ତଥ୍ୟ ହାର୍ଡ କପି କିମ୍ବା ଇମେଲ ଜରିଆରେ ଥାନାକୁ ପଠାଉଥିଲେ। ସେ ସମୟରେ ମଧ୍ୟ ତଥ୍ୟ ଲିକ୍ ହେବାର ଭୟ ଥିଲା। ମାତ୍ର ବର୍ତ୍ତମାନର ବ୍ୟବସ୍ଥା ପୂର୍ବ ଅପେକ୍ଷା ଅଧିକ ସୁରକ୍ଷିତ ହୋଇଥିବାରୁ ଏହା ଦ୍ୱାରା କୌଣସି ତଥ୍ୟ ଲିକ୍‌ର ସମ୍ଭାବନା ନାହିଁ।

**➩ କୋଭିଡ୍ ସମୟରେ ପର୍ଯ୍ୟଟନ ଶିଳ୍ପ ଖରାପ ସମୟ ଦେଇ ଗତି କରୁଛି। କେହି ଟଙ୍କା ରୋଜଗାର କରିପାରୁ ନାହାନ୍ତି। ଯଦି ଆପଣ ହୋଟେଲ ମାଲିକ ଓ ମ୍ୟାନେଜରଙ୍କୁ ଗିରଫ କିମ୍ବା ଅଟକ ରଖନ୍ତି, ତେବେ ଏହା ସେମାନଙ୍କୁ ହଇରାଣ କରିବା ଭଳି ହେବ ନାହିଁ କି?**

**ଡିସିପି :** ଅତିଥିଙ୍କ ତଥ୍ୟ ନ ଦେବା ଅଭିଯୋଗରେ କାହାକୁ ଗିରଫ କରାଯାଉ ନାହିଁ। ଯଦି ସେମାନେ ଅତିଥିଙ୍କ ତଥ୍ୟ ଡିଜିଟାଲ ମାଧ୍ୟମରେ ପଠାନ୍ତି, ତେବେ ପୋଲିସକୁ ହୋଟେଲ ଯାଞ୍ଚ କରିବାକୁ ପଡ଼ିବ ନାହିଁ। ତେଣୁ ସେମାନେ ଆଗ୍ରହର ସହ ହୋଟେଲ୍‌କୁ ଆସୁଥିବା ଅତିଥିଙ୍କ ତଥ୍ୟ ଦେବା ଉଚିତ୍।


ଡିସିପି ଉମାଶଙ୍କର ଦାଶ

**➩ ଆପଣ କିପରି ଭାବି ପାରୁଛନ୍ତି ଯେ, ହୋଟେଲ ମ୍ୟାନେଜର କିମ୍ବା ମାଲିକ ପ୍ରତ୍ୟେକ ଅତିଥିଙ୍କ ତଥ୍ୟ ଯାଞ୍ଚ କରିପାରିବେ?**

**ଡିସିପି:** ଆମେ ସେମାନଙ୍କୁ ଅଧିକ କିଛି ମାଗୁ ନାହୁଁ। ପ୍ରାୟତଃ ହୋଟେଲ କର୍ତ୍ତୃପକ୍ଷ ଅତିଥିଙ୍କଠାରୁ ଫଟୋ ସହିତ ପରିଚୟ ପତ୍ର ମାଗିଥାନ୍ତି। ସେମାନେ ପ୍ରଦାନ କରୁଥିବା ପରିଚୟପତ୍ରରେ ଥିବା ଫଟୋକୁ ଅତିଥିଙ୍କ ସହିତ ମେଳ କରିବା ସହିତ ମୋବାଇଲ ନମ୍ବର ମଧ୍ୟ ଯାଞ୍ଚ କରିବାକୁ ଆମେ ଅନୁରୋଧ କରୁଛୁ।

**➩ ସରାଇ ଆପ୍ ମାଧ୍ୟମରେ ଦିଆଯାଇଥିବା ସମସ୍ତ ଅତିଥିଙ୍କ ତଥ୍ୟଙ୍କୁ ଯାଞ୍ଚ କରିବାକୁ କମିଶନରେଟ ପୋଲିସ ପାଖରେ ପର୍ଯ୍ୟାପ୍ତ ପରିମାଣରେ ମାନବସମ୍ବଳ ରହିଛି କି?**

**ଡିସିପି:** ଏହି ନୂଆ ଟେକ୍‌ନୋଲୋଜି ଦ୍ୱାରା ହୋଟେଲ ଯାଞ୍ଚ ପାଇଁ ଆବଶ୍ୟକ ପଡୁଥିବା ମାନବସମ୍ବଳ ହ୍ରାସ ପାଇବ।

**➩ ଟୁଇନ୍‌ସିଟିର ସମସ୍ତ ସିସିଟିଭିକୁ ତଦାରଖ କରିବା ପାଇଁ ପର୍ଯ୍ୟାପ୍ତ କର୍ମଚାରୀ ଅଛନ୍ତି କି?**

**ଡିସିପି:** ସମସ୍ତ ସିସିଟିଭିକୁ ୨୪ ଘଣ୍ଟା ତଦାରଖ କରିବା ଦରକାର ନାହିଁ। ଅଧିକାଂଶ କ୍ଷେତ୍ରରେ ଘଟଣା ଘଟିବା ପରେ ସିସିଟିଭି ଫୁଟେଜ୍‌ର ଆବଶ୍ୟକତା ପଡ଼ିଥାଏ।

**➩ ଲୋକଙ୍କ ମତରେ ରାଜ୍ୟର ଥାନାଗୁଡ଼ିକରେ ଆବଶ୍ୟକ ଠାରୁ କମ୍ ସଂଖ୍ୟକ କର୍ମଚାରୀ ଅଛନ୍ତି। ଆପଣ କିପରି ଭାବୁଛନ୍ତି ଯେ, ଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ ହୋଇପାରିବ ?**

**ଡିସିପି:** ଆମକୁ ଏହି କ୍ଷେତ୍ରରେ ଟେକ୍‌ନୋଲୋଜି ଓ ପ୍ରୋଗ୍ରାମିଂ ସାହାଯ୍ୟ କରିବ। ଆମକୁ ସବୁକିଛି ମାନୁଆଲି କରିବାର ଆବଶ୍ୟକ ନାହିଁ।

**ସାକ୍ଷାତକାର: ସତ୍ୟଜିତ୍ ରାଉତ**

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଜ୍ୟୋତି


@ ବିଶାଲ


@ ବାଦଲ


@ ସନ୍ତୋଷ


@ ଭୁପେନ୍ଦ୍ର


@ ଶ୍ରେୟାଂଶ

## ସଂକ୍ଷେପରେ

### କୂଅରୁ ମହିଳା କଣ୍ଡକ୍ଟରଙ୍କ ମୃତଦେହ ଜବତ

**ପୁରୁଣା ଭୁବନେଶ୍ୱର/ ଭୁବନେଶ୍ୱର,୩୧।୧(ବ୍ୟୁରୋ):** ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମ ନଗର ଲେନ୍ ଅଞ୍ଚଳରେ ଭଡ଼ାରେ ରହୁଥିବା ଜଣେ ଯୁବତୀଙ୍କ ମୃତଦେହ ଘର ନିକଟ ଏକ କୂଅରୁ ମିଳିଛି। ସେ ହେଲେ ବାଲେଶ୍ୱର ସିମୁଳିଆ ଥାନା ଅଞ୍ଚଳର କ୍ରିଷ୍ଣା ମହାନ୍ତି(୩୪)। ସେ ମୋ ବସ୍‌ରେ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟଲ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୧) ରୁଜୁ କରି ତଦନ୍ତ କରୁଛି। ଥାନା ଅଧିକାରୀ ଶରତ ପାତ୍ର କହିଛନ୍ତି, ମୃତା କ୍ରିଷ୍ଣା ଛାତ ଉପରୁ କଥା ହେଉଥିବାବେଳେ ଭାରସାମ୍ୟ ହରାଇ କୂଅରେ ପଡ଼ିଯାଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ପରିବାରରେ ୪ ଝିଅଙ୍କ ମଧ୍ୟରୁ କ୍ରୀଷ୍ଣା ବଡ଼। ୨ ମଝିଆ ଝିଅଙ୍କ ବିବାହ ହୋଇସାରିଥିବା ବେଳେ କ୍ରିଷ୍ଣା ଅବିବାହିତ ଥିଲେ। ତାଙ୍କ ମାଙ୍କ ମୃତ୍ୟୁ ହୋଇସାରିଥିବାବେଳେ ବାପା ମଝିଆ ଝିଅଙ୍କ ପାଖରେ ରହୁଛନ୍ତି। କ୍ରୀଷ୍ଣା ଶ୍ରୀରାମନଗରରେ ଘରଭଡ଼ା ନେଇ ଏକୁଟିଆ ରହୁଥିଲେ। ଗତ ୧୫ ତାରିଖରେ ସେ କଣ୍ଡକ୍ଟର ଚାକିରି ଛାଡ଼ି ଦେଇଥିଲେ। ତେବେ ସୋମବାର ସକାଳେ ଘର ମାଲିକ କୂଅ ନିକଟରେ ଏକ ମୋବାଇଲ୍ ଫୋନ୍ ପଡିଥିବା ଓ କୂଅରେ କ୍ରିଷ୍ଣାଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଦମକଳ ବାହିନୀ ସହ ପହଞ୍ଚି କ୍ରୀଷ୍ଣାଙ୍କ ମୃତଦେହ ଉଦ୍ଧାର କରିଥିଲା।

### ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ତାଲିମ

**ଭୁବନେଶ୍ୱର, ୩୧।୧ (ବ୍ୟୁରୋ):** ରୋଟାରୀ ଇ-କ୍ଲବ ମହୋଦଧି ଓ ହ୍ୟୁମାନ ପୋଟେନସିଆଲ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ଡୁମୁଡୁମାସ୍ଥିତ ରଘୁନାଥ ନଗରଠାରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ନିଶୁଳ୍କ ବ୍ୟକ୍ତିତ୍ୱ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ପିଲାମାନେ ଯେପରି କୌଣସି ପରିସ୍ଥିତିରେ ହାରି ନ ଯାଇ ନିଜ ଜୀବନକୁ ଗଢି ତୋଳିବେ, ସେନେଇ ବିଭିନ୍ନ କୌଶଳ ଶିଖା ଯାଇଥିଲା। କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ଶାନ୍ତନୁ କୁମାର ପାଣି, ରୋଟାରିଆନ ଝରଣା ପାଣି, ଚିନ୍ମୟ୍ ମହାପାତ୍ର ପ୍ରମୁଖ ଯୋଗଦେଇ ଓ ଭର୍ଚୁଆଲରେ ରୋଟାରି ଇ-କ୍ଲବ ମହୋଦଧିର ଚାର୍ଟାଡ ପ୍ରେସିଡେଣ୍ଟ ଡ. ହର ପ୍ରସନ୍ନ ଦାସ, ଦିଲ୍ଲୀରୁ ରୋଟାରିଆନ ସୁକାନ୍ତ ବେଉରା, ନାଇଜେରିଆରୁ ରୋଟାରିଆନ ରମେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପିଲମାନଙ୍କୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟି କିର୍ତ୍ତୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଟିମ୍ ଲିଡର ମୀନା ସୁବୁଦ୍ଧି ପରିଚାଳନା କରିଥିଲେ।

## ଛତିଶଗଡ଼, ଓଡ଼ିଶା ସବ୍ ଏରିଆ କମାଣ୍ଡର ହେଲେ ବ୍ରିଗେଡିୟର ଭିଗ୍ନେଶ ମହାନ୍ତି



**ଭୁବନେଶ୍ୱର, ୩୧।୧ (ବ୍ୟୁରୋ)**

ଛତିଶଗଡ଼ ଓ ଓଡ଼ିଶା ସବ୍ ଏରିଆ କମାଣ୍ଡର ହେଲେ ବ୍ରିଗେଡିୟର ଭିଗ୍ନେଶ ମହାନ୍ତି। ବ୍ରିଗେଡିୟର୍ ପ୍ରଶାନ୍ତ ଚୌହାନଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ସବ୍‌ଏରିଆ କମାଣ୍ଡର ବ୍ରିଗେଡିୟର୍ ଚୌହାନ୍ ରାଜ୍ୟ ସରକାରଙ୍କ ସହ ଏକ ଉତ୍ତମ ସମ୍ପର୍କ ବିକାଶ, ଛତିଶଗଡ ଓ ଓଡ଼ିଶାରେ ସଶସ୍ତ୍ର ବାହିନୀକୁ ଦୃଢ଼ ତଥା ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ନୂଆ ଦାୟିତ୍ୱ ଗ୍ରହଣ କରିଥିବା ସେନା ପଦକପ୍ରାପ୍ତ ବ୍ରିଗେଡିୟର୍ ମହାନ୍ତି, ଏହାକୁ ଆହୁରି ଆଗକୁ ନେବେ ବୋଲି ଆଶା କରାଯାଉଛି। ତାଙ୍କର ୩ ଦଶନ୍ଧିରୁ ଅଧିକ ସମୟ ଧରି ସାମରିକ କ୍ୟାରିୟର ରହିଛି। ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଖଡକ୍‌ୱାସ୍ଲା), ଆର୍ମି ସ୍କୁଲ ଅଫ୍ ଆମ୍ୟୁଶନିଶନ(ୟୁକେ), ଡିଫେନ୍ସ ସର୍ଭିସ ଷ୍ଟାଫ୍ କଲେଜ (ୱେଲିଂଟନ) ଏବଂ ନ୍ୟାଶନାଲ ଡିଫେନ୍ସ କଲେଜ (ଫିଲିପାଇନ୍ସ)ରୁ ତାଲିମ ଗ୍ରହଣ କରିଛନ୍ତି। ସେ କଶ୍ମୀର ଉପତ୍ୟକାରେ ଜଣେ ଇଞ୍ଜିନିୟର ରେଜିମେଣ୍ଟ ଏବଂ ଇଷ୍ଟର୍ନ ଥିଏଟରରେ ଏକ ମାଉଣ୍ଟେନ ବ୍ରିଗେଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଭୁଟାନରେ ଭାରତୀୟ ସାମରିକ ତାଲିମ କଣ୍ଟିଜେଣ୍ଟର ଏକ ଅଂଶ ହୋଇଛନ୍ତି। ସେନା ମୁଖ୍ୟାଳୟ ସମେତ ଆର୍ମିର ବିଭିନ୍ନ ସଂଗଠନରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରାଯାଇଥିଲା। ତାଙ୍କର ଅଭିଜ୍ଞତା, ସାମର୍ଥ୍ୟକୁ ଆଧାର କରି ସେ ଭାରତୀୟ ସେନା ପାଇଁ ଏହି ଦୁଇ ରାଜ୍ୟରେ କାମ କରିବେ।

## ତାଳଚେର ମେଡିକାଲ କଲେଜ ତୁରନ୍ତ କାର୍ଯ୍ୟକ୍ଷମ ହେଉ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

ତାଳଚେରସ୍ଥିତ ମେଡିକାଲ କଲେଜ ଓ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ୍ସ ଆଣ୍ଡ୍ ୟୁଥ୍ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଫୋରମ ପକ୍ଷରୁ କନ୍‌ଭେନର ଅନୀଶ ରଥ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ ପକ୍ଷରୁ ମେଡିକାଲ କଲେଜର ଭିତ୍ତିଭୂମି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଦୁଇବର୍ଷ ଧରି ଏହାକୁ ଖୋଲାଯାଉ ନ ଥିବାରୁ ଫୋରମ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ତାଳଚେର ସମେତ ଜିଲାବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ପରେ ୪୯୨ କୋଟି ଟଙ୍କା ବିନିଯୋଗରେ ଏହାର ନିର୍ମାଣ ହୋଇଛି। ୧୦୦ଜଣ ଡାକ୍ତରୀ ଛାତ୍ରଙ୍କୁ ନେଇ କଲେଜର କଳେବର ଯୋଜନା କରାଯାଇଥିବାବେଳେ କାହିଁକି ଏ ଦିଗରେ ବିଳମ୍ବ ହେଉଛି ବୋଲି ଫୋରମ୍ ପ୍ରଶ୍ନ କରିଛି। ତୁରନ୍ତ ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବା ପାଇଁ ଫୋରମ୍ ସ୍ମାରକପତ୍ରରେ ଉଲ୍ଲେଖ କରିଛି।

# ପ୍ରେମ ପ୍ରତାରଣା ପାଇଁ ଚାଲିଗଲା ୨ ଜୀବନ

## ଘରୁ ମିଳିଲା ମଡେଲଙ୍କ ଝୁଲନ୍ତା ମୃତଦେହ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଦୁଇବର୍ଷ ହେବ ଜଣେ ଗାୟିକାଙ୍କୁ ପ୍ରେମ କରୁଥିଲେ। ଉଭୟଙ୍କ ବିବାହ ବି ସ୍ଥିର ହୋଇଯାଇଥିଲା। ହେଲେ ପ୍ରେମିକାଙ୍କ ପ୍ରତାରଣା ଶେଷରେ ଜଣେ ମଡେଲଙ୍କ ପ୍ରାଣ ନେଇଗଲା। ସୋମବାର ଇନ୍‌ଫୋସିଟି ଥାନା ନନ୍ଦନବିହାର ଅଞ୍ଚଳରେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତ ମଡେଲ ହେଲେ ସୌମ୍ୟରଞ୍ଜନ ପାଣିଗ୍ରାହୀ(୩୧)। ସେ ରହୁଥିବା ଘରୁ ତାଙ୍କର ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିବା ସହ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୮/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ନିକଟରୁ ମିଳିଥିବା ସୁଇସାଇଡାଲ ନୋଟ୍‌ରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ପ୍ରେମିକାଙ୍କ ପ୍ରତାରଣା ପାଇଁ ପୁଅର ଜୀବନ ଯାଇଥିବା ବାପା ସୁଧାକର ପାଣିଗ୍ରାହୀ କହିଛନ୍ତି। ଅପରପକ୍ଷରେ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସମିତା ମିଶ୍ର କହିଛନ୍ତି। ସୂଚନା ଅନୁଯାୟୀ, ସୌମ୍ୟଙ୍କ ପରିବାର ନନ୍ଦନବିହାରରେ ଘର ଭଡ଼ା ନେଇ ରହୁଛନ୍ତି। ସୌମ୍ୟ ମୁମ୍ବାଇରେ ଦୁଇବର୍ଷ ହେବ ମଡେଲିଂ କରୁଥିଲେ। କରୋନା ପାଇଁ ସେ ଭୁବନେଶ୍ୱର ଚାଲି ଆସିଥିଲେ। ସ୍ଥାନୀୟ ଥାନା ଅନ୍ତର୍ଗତ ଇନଫୋସିସ୍ ନିକଟରେ ଚା' ଖଟି ନାମରେ ଏକ କାଫେ ଖୋଲିଥିଲେ। ଦୁଇବର୍ଷର ରହଣି ଭିତରେ ତାଙ୍କର ଜଣେ ଗାୟିକାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ପରିବାର ଲୋକେ ଜାଣିବା ପରେ ସେମାନଙ୍କ ବିବାହ ପାଇଁ ଯୋଜନା କରିଥିଲେ। ହେଲେ ଯୁବତୀ ଜଣକ କିଛିଦିନ ହେବ ସୌମ୍ୟଙ୍କୁ ପ୍ରତାରଣା କରିବାରୁ ସେ ଭାଙ୍ଗି ପଡ଼ିଥିଲେ। ରବିବାର ରାତିରେ ସେ ତାଙ୍କ ରୁମ୍‌କୁ ଯାଇ ଶୋଇଥିଲେ। ସୋମବାର ସକାଳେ ବହୁ ସମୟ ପର୍ଯ୍ୟନ୍ତ କବାଟ ଖୋଲି ନ ଥିଲେ। ପରିବାର ଲୋକେ କବାଟ ଭାଙ୍ଗି ଦେଖିବାବେଳକୁ ସୌମ୍ୟ ଫ୍ୟାନରେ ଝୁଲୁଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।


ସୌମ୍ୟରଞ୍ଜନ ପାଣିଗ୍ରାହୀ

### ଚିଠିରେ ପ୍ରତାରଣାର କାହାଣୀ

ସୌମ୍ୟଙ୍କ ରୁମ୍‌ରୁ ମିଳିଥିବା ସୁଇସାଇଡାଲ ନୋଟ୍‌ରେ ରହିଛି ପ୍ରତାରଣାର କାହାଣୀ। ସେଥିରେ ଲେଖାଯାଇଛି, 'ଓମ୍ ନମଃ ଶିବାୟ। ଆଇ ଆମ୍ ସରି ମମି, ଡାଡି। ମତେ କ୍ଷମା କରିଦେବ। ସୋନାଲି ମୋ ଲାଇଫ୍ ସହ ଗୋଟିଏ ବର୍ଷ ହେଲା ବହୁତ ଖେଳିଲା। ଟିକେ ଟିକେ ଭୁଲ୍ ଲାଗି ମାସ ମାସ ତଡ଼ପାଇଲା। ମୁଁ ଆଉ ଦୁନିଆକୁ ଫେସ୍ କରିପାରିବିନି। ମୁଁ ବଞ୍ଚିକି ବି ନ ବଞ୍ଚିଲା ପରି ଜୀବନ ବିତାଉଛି। ଡାଡି, ତମେ ମମିକୁ ବହୁତ ଭଲପାଅ। ତମେ ଦୁଇଜଣ ଖୁସିରେ ରୁହ। ଆୟାନ୍‌କୁ ମୁଁ ବହୁତ୍ ମିସ୍ କରିବି। ମୋର ଭଗବାନଙ୍କ ଉପରେ ଭରସା ତୁଟିଗଲା। ଠାକୁରଙ୍କୁ ୩୦ବର୍ଷ ହେଲା ଡାକୁଥିଲି, କିନ୍ତୁ ସିଏ ଖାଲି ମୋ ମନରେ କଷ୍ଟ ହିଁ ଦେଇଛନ୍ତି। ସୋନାଲି ଲକିକୁ ଛାଡ଼ିକି ଆସିଲା ଅଜୟ ପାଇଁ। ଅଜୟ ଥିଲାବେଳେ ମୋତେ ତା' ଜାଲରେ ଫସାଇଦେଲା। ଅଜୟ ପାଢ଼ୀ ପ୍ଲିଜ୍ ମୋତେ ମାଫ୍ କରିଦେବ। ତମକୁ ମୁଁ ବହୁତ କଷ୍ଟ ଦେଇଛି। ସୋନାଲି ଆଜି ସାରସ୍ୱତ ପାଇଁ ମୋତେ ଛାଡ଼ିକି ଗଲା। ମୁଁ ମୋ' କର୍ମର ଫଳ ଭୋଗିବି। ପ୍ଲିଜ୍ ଡାଡି, ମମି ମୋତେ ମାଫ୍ କରିଦେବ। ଏହାକୁ ମୋ ସୁଇସାଇଡ୍ ନୋଟ ରୂପରେ ଗ୍ରହଣ କରିବ। ପୋଲିସକୁ ମୋର ଅନୁରୋଧ, ସୋନାଲିର ଠିକ୍ ତଦନ୍ତ ହେଉ। ୨୯ଦିନ ମୋତେ ଧୋକା ଦେଇ ସେ ସାରସ୍ୱତ ପାଖକୁ ଯାଇଥିଲା। ସମସ୍ତଙ୍କ ଆଗରେ ଭଲ ହେଇକି ମୋତେ ଖରାପ କରିଦେଲା।'



### ଧନକୁ ଝୁରି ହୋଇ କାନ୍ଦୁଥିଲେ ମା'

ସୌମ୍ୟଙ୍କ ମୃତ୍ୟୁ ପରେ ତାଙ୍କ ଘର କାନ୍ଦ ବୋବାଳିରେ ଫାଟି ପଡୁଥିଲା। ପରିବାର ଲୋକେ ପୁଅ ମନେ ପକେଇ ବହୁତ ଲୁହ ଝରାଉଥିଲେ। ତାଙ୍କ ମା କାନ୍ଦି କାନ୍ଦି କହୁଥିଲେ, ମୋ ଧନ ଗେଲ ନ କଲେ ଛାଡ଼ିବନି ଲୋ, କୋଉ ଅଫେରା ରାଇଜେ ତୁ ଅଛୁରେ। ମୋ ଧନ ମୋତେ ଛାଡି କୁଆଡେ ଗଲାକି। ଏପରି କେତେ କଥା କହି ସେ ଅନବରତ ଲୁହ ଝରାଉଥିଲେ।

## ପ୍ରେମିକାଙ୍କୁ ଲାଇଭ୍ ଭିଡିଓ କରି ପ୍ରେମିକଙ୍କ ଆତ୍ମହତ୍ୟା

**କାକଟପୁର,୩୧।୧(ଡି.ଏନ୍.ଏ.)**

ପ୍ରେମରେ ତିକ୍ତତା ଶେଷରେ ପୁରୀ ଜିଲା କାକଟପୁର ଅଞ୍ଚଳରେ ଜଣେ ଯୁବକଙ୍କ ଜୀବନ ଯାଇଛି। ପ୍ରେମିକାଙ୍କୁ ଲାଇଭ୍ ଭିଡିଓ କରି ପ୍ରେମିକ ଜଣକ ଆତ୍ମହତ୍ୟା କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ମୃତକ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ପ୍ରତ୍ୟୟ ଜେନା। ସେ ଦୀର୍ଘଦିନ ହେବ କାକଟପୁରରେ ରହି ଏକ ଡ୍ରେସ୍ ଦୋକାନରେ କାମ କରୁଥିଲେ। ଖବରପାଇ କାକଟପୁର ଥାନା ପୋଲିସ ପହଞ୍ଚି ପ୍ରେମିକ ପ୍ରତ୍ୟୟଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲେ। ପରେ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ସବୁଦିନ ଭଳି ରବିବାର ରାତିରେ ଦୋକାନ ବନ୍ଦ କରି ଦୋକାନ ଉପର ଘରେ ରହୁଥିବା ନିଜ ରୁମ୍‌କୁ ପ୍ରତ୍ୟୟ ଚାଲିଯାଇଥିଲେ। କିନ୍ତୁ ବିଳମ୍ବିତ ରାତିରେ ନିଜ ପ୍ରେମିକାଙ୍କୁ ଭିଡିଓ କଲ୍ କରି କଥା ହେଉଥିବା ସମୟରେ କୌଣସି କଥାକୁ ନେଇ ହଠାତ ପ୍ରତ୍ୟୟ ଉତ୍ତ୍ୟକ୍ତ ହୋଇ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଦେଖି ପ୍ରେମିକା ଜଣଙ୍କ ଭିଡିଓ କଲର ସ୍କ୍ରିନସଟ ନେଇ ପ୍ରେମିକର ସାଙ୍ଗମାନଙ୍କୁ ପଠାଇ ତୁରନ୍ତ ପ୍ରତ୍ୟୟଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ। ସାଙ୍ଗମାନେ ପ୍ରତ୍ୟୟଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସୋମବାର ସକାଳେ ପ୍ରତ୍ୟୟଙ୍କ ଘର ଲୋକ ପହଞ୍ଚି ପୋଲିସକୁ ଜଣାଇବା ସହ ପୁଅ ରହୁଥିବା ରୁମ୍‌କୁ ଯାଇ ଡାକିଥିଲେ ମଧ୍ୟ ଶୁଣି ନ ଥିଲେ। ପରେ ପୋଲିସ ସହ ଫୋରେନସିକ ଟିମ, ପୁରୀ ଆଡିଶନାଲ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯାଇଥିଲା। ତେବେ ପ୍ରତ୍ୟୟଙ୍କ ମୃତ୍ୟୁ ହୋଇଯାଇଥିବାରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ପୁରୀ ଆଡିଶନାଲ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

**କରୋନା ସଚେତନତା ବାର୍ତ୍ତା ଦେଉଛି କିଓସ୍କ**

ଭୁବନେଶ୍ୱର, (ବ୍ୟୁରୋ)- ୟୁନିଟ ୨ ମାର୍କେଟ ବିଲଡିଂ ଏବଂ ଡମଣା ହାଟ ସମେତ ୫ଟି ସ୍ଥାନରେ 'ଆଇ ୱେୟାର ବିକଜ୍ ଆଇ କେୟାର' ଥିମ୍ ଉପରେ ସିଆଇଆଇ ଆଇଡବ୍ଲ୍ୟୁଏନ୍ ଏଣ୍ଟରପ୍ରିନ୍ୟୁରଶିପ୍ ଭର୍ଟିକାଲ ପକ୍ଷରୁ କିଓସ୍କ ସ୍ଥାପିତ ହୋଇଛି। ଏହି କିଓସ୍କଗୁଡିକ ମାସ୍କ ପିନ୍ଧିବା ଏବଂ କୋଭିଡ୍ ସହିତ ଲଢ଼ିବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରୁଛି। ଏହି ଅବସରରେ ଏଣ୍ଟରପ୍ରିନ୍ୟୁରଶିପ୍ ଭର୍ଟିକାଲର ଚେୟାରମ୍ୟାନ ଜୟଶ୍ରୀ ମହାନ୍ତି, ସହ-ଚେୟାରମ୍ୟାନ ସୁଶ୍ରୀ ପ୍ରୀତି ଅଗ୍ରୱାଲ, ନିର୍ଦ୍ଦେଶକ ସୁପର୍ଣ୍ଣା ନନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

**ଖଣ୍ଡଗିରି କୁମ୍ଭମେଳା**

# ଦ୍ୱନ୍ଦ୍ୱରେ ଯାତ୍ରା କଳାକାର

ଭୁବନେଶ୍ୱର, ୩୧।୧ (ବ୍ୟୁରୋ)

ଜୀବନ ଓ ଜୀବିକା ମଧ୍ୟରେ ପୁଣି ପାଚେରି ହୋଇ ଠିଆ ହୋଇଛି ମହାମାରୀ କରୋନା। ଜୀବନକୁ ସୁରକ୍ଷା ଦେବାକୁ ଯାଇ ବିପର୍ଯ୍ୟସ୍ତ ହେଉଛି ଜୀବିକା। ଏପରିସ୍ଥିତିରେ ଯାତ୍ରା କଳାକାରଙ୍କ ଦୁର୍ଦ୍ଦଶା ସବୁଠୁ ବଳିଯାଇଛି। ଏପରିସ୍ଥିତିରେ ପବିତ୍ର ମାଘସପ୍ତମୀରେ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳାରେ କଟକଣା ଲାଗିବା ପରେ ପାର୍ଟି ମାଲିକ, ଆୟୋଜକ ଓ କଳାକାର ସମସ୍ତେ ଦ୍ୱନ୍ଦ୍ୱରେ ରହିବା ସହ ଆଶା ହରାଇବାକୁ ବସିଛନ୍ତି। ପ୍ରତିବର୍ଷ ମେଳା ବୁଲିବା ସହ ଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସିଥାନ୍ତି। ମାତ୍ର ଗତ ୨ବର୍ଷ ହେବ ଖଣ୍ଡଗିରିରେ ମେଳା ଓ ଯାତ୍ରା ପରିବେଷଣ କରିବାକୁ ଅନୁମତି ମିଳୁନାହିଁ। ଆଶା ଥିଲା ଚଳିତବର୍ଷ ମେଳାରେ ଯାତ୍ରା ଦେଖିବାକୁ ସୁଯୋଗ ମିଳିବ। ମାତ୍ର ପୁଣି ଥରେ ସମସ୍ତଙ୍କୁ ନିରାଶ ହେବାକୁ ପଡିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମେଳା ପାଇଁ ଅନୁମତି ମିଳି ନ ଥିବାବେଳେ ଯାତ୍ରା ହେବା ନେଇ ପ୍ରାୟତଃ ସ୍ପଷ୍ଟ କରାଯାଇ ନ ଥିବାରୁ ଦ୍ୱନ୍ଦ୍ୱ ଆହୁରି ବଢ଼ିଯାଇଛି। ଏପରିସ୍ଥିତିରେ ଯାତ୍ରା କଳାକାର, କମିଟି, ଯାତ୍ରା ପ୍ରେମୀଙ୍କ ଅନୁରୋଧକୁ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି।

### ପ୍ରଶାସନ ଚାହିଁଲେ କଟକଣାରେ ଯାତ୍ରା ହେବ



"ମହା କୁମ୍ଭମେଳା ୨ ବର୍ଷ ହେବ ଫାଙ୍କା ପଡିଛି। ଗତ ୨୫ ତାରିଖରୁ ଯାତ୍ରା ପାଇଁ ବିଏମ୍‌ସିଠାରୁ ଅନୁମତି ମଗା ଯାଇଥିଲା। ସେତେବେଳ ଏହା ଉପରେ ବିଚାର କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ କହିଥିଲେ। ହେଲେ ଏ ଯାଏ କିଛି ସ୍ପଷ୍ଟ ହୋଇନାହିଁ। ଏବେ ସଂକ୍ରମଣର ହାର କମୁଥିବାରୁ ସ୍ଥାନୀୟ ପ୍ରଶାସନ ଚାହିଁଲେ ଅଧିକ ଜାଗା ନିଆଯାଇ ସାମାଜିକ ଦୂରତା ରକ୍ଷା କରାଯାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୋଲିସ ପ୍ରଶାସନ, ସ୍ଥାନୀୟ କମିଟିସହାୟତାରେ କଟକଣା ମଧ୍ୟରେ ଯାତ୍ରା ପରିବେଷଣ କରାଯାଇ ପାରନ୍ତା। ସରକାରଙ୍କ ଗାଇଡ୍‌ଲାଇନ୍ ପାଳନ କରି ଆମେ ସହରାଞ୍ଚଳରେ ସନ୍ଧ୍ୟା ଓ ଗ୍ରାମାଞ୍ଚଳରେ ରାତିରେ ଯାତ୍ରା ପରିବେଷଣ କରୁଛୁ। ତେବେ ଅନୁମତି ନ ମିଳିଲେ ବି ଆନ୍ଦୋଳନ କରାଯିବ ନାହିଁ।

**-ବାପି ପଣ୍ଡା, ସମ୍ପାଦକ, ରାଜ୍ୟ କଳାକାର ମହାସଂଘ**

### ସରକାରଙ୍କ ନିଷ୍ପତ୍ତି ଉପରେ କିଛି କରିବାର ନାହିଁ

"ସରକାରଙ୍କ ନିଷ୍ପତ୍ତି ଉପରେ ଆମର କିଛି କରିବାର ନାହିଁ। ମେଳାକୁ ଲକ୍ଷ ଲକ୍ଷ ଲୋକଙ୍କର ସମାଗମ ହୁଏ। ୬/୭ଟି ଯାତ୍ରା ପାର୍ଟି ପଡେ। ଯାତ୍ରା ମହାକୁମ୍ଭ ଦେଖିବା ପାଇଁ ଦର୍ଶକମାନେ ଆକାଂକ୍ଷାର ସହ ଚାହିଁ ରହିଛନ୍ତି। ମାତ୍ର ଏଥର ମଧ୍ୟ ଯାତ୍ରା ହେବା ଭଳି ଲାଗୁ ନାହିଁ। ସରକାରଙ୍କ ଗାଇଡ୍‌ଲାଇନ ଦେଖିଲେ ଯାତ୍ରା କରିବା ବି ଅସମ୍ଭବ। ଏହା ଆମ ଭଳି କଳାକାରଙ୍କ ପାଇଁ ମହା ଦୁଃଖର କଥା।



**-ଦୈତାରୀ ପଣ୍ଡା, ଯାତ୍ରା କଳାକାର**

### ଯାତ୍ରା ପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ

"ଖଣ୍ଡଗିରିରେ ଯାତ୍ରା ହେବ କି ନାହିଁ ସେ ନେଇ ଏ ଯାବତ୍ କୌଣସି ନିଷ୍ପତ୍ତି ହୋଇନାହିଁ। ବିଏମ୍‌ସିର ଅନ୍ୟ ଏକ ସେକ୍ସନ ଏ ସମ୍ପର୍କରେ ବୁଝାବୁଝି କରୁଛି। ସେଠାରୁ ତଥ୍ୟ ମିଳିବା ପରେ କିଛି ସ୍ପଷ୍ଟ କରିହେବ। ଏନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ହେବ।



**-ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର, ବିଏମ୍‌ସି**

### ଯାତ୍ରା ପରିବେଷଣ ଉପରେ ରୋକ୍ ଲାଗୁ

"ଏତେ ଦିନ ଅପେକ୍ଷା କଲେଣି ଆଉ କିଛି ଦିନ ଅପେକ୍ଷା କରିବା ଉଚିତ। ରାଜ୍ୟରେ ସଂକ୍ରମଣ ହାର କମ୍ ହେଇଥିଲେ ବି ରାଜଧାନୀରେ ପ୍ରତିଦିନ ବହୁତ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ତେଣୁ ଯାତ୍ରା ଆୟୋଜନ ଉପରେ ଏବେ ରୋକ ଲାଗିବ ଦରକାର। ତେବେ ପୂର୍ବରୁ ହେଉଥିବା ଖାରବେଳ ମହୋତ୍ସବ ଆୟୋଜନ କରାଗଲେ ଭଲ ହୁଅନ୍ତା। ଭର୍ଚୁଆଲରେ ଏହାର ପ୍ରସାରଣ କରାଯାଇପାରନ୍ତା।



**-ଅନ୍ନପୂର୍ଣ୍ଣା ମହାରଣା, ସ୍ଥାନୀୟ ବାସିନ୍ଦା**

### କଳାକାର ହତାଶ ହେଉଛନ୍ତି

"କୋଭିଡ୍ କଟକଣା କେହି ମାନୁନାହାନ୍ତି। କେବଳ ଯାତ୍ରା ପରିବେଷଣ ଉପରେ ରୋକ ଲାଗିବା ଠିକ୍ ନୁହେଁ। ଏହା ଫଳରେ କଳାକାର ହତାଶ ହେଉଛନ୍ତି। ମହାମାରୀ ପାଇଁ ବହୁ କଳାକାର ଜୀବିକା ହରାଇ ଦୁର୍ଦ୍ଦଶା ଭିତରେ ଦିନ କାଟୁଛନ୍ତି। ଏଭଳି ମେଳା ସେମାନଙ୍କ ରୋଜଗାର ପାଇଁ ଆଶା ସଞ୍ଚାର କରୁଛି। ପ୍ରଶାସନ ଚାହିଁଲେ କଟକଣା ମଧ୍ୟରେ ଯାତ୍ରା ପରିବେଷଣ ଆୟୋଜନ କରାଯାଇପାରନ୍ତା।



**-ପ୍ରିୟଙ୍କା ନନ୍ଦ, ଯାତ୍ରା ପ୍ରେମୀ**

## 'ବିଶ୍ୱାସଘାତକତା ଦିବସ' ପାଳିଲା ସଂଯୁକ୍ତ କିଷାନ ମୋର୍ଚ୍ଚା

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ଦୀର୍ଘଦିନର କୃଷକ ଆନ୍ଦୋଳନ କେନ୍ଦ୍ର ସରକାରଙ୍କୁ ୩ କଳା କୃଷି ଆଇନକୁ ଫେରାଇ ନେବା ପାଇଁ ବାଧ୍ୟ କରିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଘୋଷିତ ପ୍ରତିଶ୍ରୁତିଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ଅଭିଯୋଗ କରିଛି। କେନ୍ଦ୍ର ସରକାର କୃଷକଙ୍କୁ ଦେଇଥିବା ପ୍ରତିଶ୍ରୁତି ଖିଲାପ କରି ବିଶ୍ୱାସଘାତକତା କରିଥିବା ଦର୍ଶାଇ ସାରା ଦେଶରେ ମୋର୍ଚ୍ଚା 'ବିଶ୍ୱାସ ଘାତକତା ଦିବସ' ପାଳନ କରିଛି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ କରାଯାଇଛି। ଶ୍ରମିକ ଓ କୃଷକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ ପାଣିଗ୍ରାହୀ, ଅଭିରାମ ବେହେରା, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ରାଧାକାନ୍ତ ସେଠି, ମହେନ୍ଦ୍ର ପରିଡା, ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିଶ୍ୱାସଘାତକତାକୁ ନିନ୍ଦା କରିଥିଲେ। ସେମାନେ କହିଥିଲେ, ଡିସେମ୍ବର ୯ରେ ତିନି କୃଷି ଆଇନ ପ୍ରତ୍ୟାହାର ଓ ଏହା ସହିତ ଚାଷୀଙ୍କ ଅନ୍ୟାନ୍ୟ ସମସ୍ତ ନ୍ୟାୟପୂର୍ଣ୍ଣ ଦାବିଗୁଡିକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାର ସଂଯୁକ୍ତ କିଷାନ ମୋର୍ଚ୍ଚାକୁ ଚିଠି ଦେଇଥିଲେ। ଏହାପରେ ଡିସେମ୍ବର ୧୧ରେ ଆନୁଷ୍ଠାନିକ ଭାବେ କୃଷକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସବୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସ୍‌ପି)କୁ ଆଇନଗତ ମାନ୍ୟତା, ଶହୀଦ କୃଷକ ପରିବାରଙ୍କୁ ସହାୟତା, ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟା ଘଟଣାରେ କର୍ଯ୍ୟାନୁଷ୍ଠାନ, ବିଦ୍ୟୁତ୍ ବିଲ-୨୦୨୦କୁ ପ୍ରତ୍ୟାହାର କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହି ସମସ୍ତ ପ୍ରତିଶୃତିଗୁଡିକୁ ପୂରଣ ନ କଲେ ଆନ୍ଦୋଳନକୁ ପୁଣି ତୀବ୍ରତର କରାଯିବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି।

**ସଂକ୍ଷେପରେ**

## ଏସ୍‌ଟିଏଫ୍ ଚଢ଼ାଉ: ନକଲି ଗୁଟ୍‌ଖା ଜବତ, ଜଣେ ଗିରଫ

ଭୁବନେଶ୍ୱର,୩୧।୧(ବ୍ୟୁରୋ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ସ୍ଥାନୀୟ ପୋଲିସର ମିଳିତ ଟିମ୍ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଚଢ଼ାଉ କରି ସୋମବାର ୨ କୁଇଣ୍ଟାଲରୁ ଅଧିକ ନକଲି ଗୁଟ୍‌ଖା ଓ ଜର୍ଦ୍ଦା ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ପାନଦୋକାନୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ହାଉସିଂବୋର୍ଡ କଲୋନୀର କାହ୍ନୁଚରଣ ଦାସ(୨୬)। ଜବତ ଗୁଟ୍‌ଖା ଓ ଜର୍ଦ୍ଦାର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଅଧିକ ଟଙ୍କା ହେବ। ଏନେଇ ଏସ୍‌ଟିଏଫ୍ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ମଙ୍ଗଳବାର ଏନେଇ ଏସ୍‌ଟିଏଫ୍ ପକ୍ଷରୁ ସବିଶେଷ ସୂଚନା ଦିଆଯିବ ବୋଲି ଜଣାପଡିଛି।

## ବିନୟ କୁମାର ଦାଶ ନୂଆ ବିଏମ୍‌ସି ଅତିରିକ୍ତ କମିଶନର

ଭୁବନେଶ୍ୱର, ୩୧।୧ (ବ୍ୟୁରୋ)- ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନୂତନ ଅତିରିକ୍ତ କମିଶନର ଭାବେ ଓଏଏସ୍ ଅଧିକାରୀ ବିନୟ କୁମାର ଦାଶ ସୋମବାର ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ପୁରୀର ଏଡିଏମ୍ ଥିଲେ। ତେବେ ପୁରୀକୁ ଯିବା ପୂର୍ବରୁ ସେ ବିଏମ୍‌ସିର ଡେପୁଟି କମିଶନର ଓ ଭୁବନେଶ୍ୱର ଉପଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ବିଏମ୍‌ସିର ଦୁଇ ଅତିରିକ୍ତ କମିଶନର ପଦ ରହିଛି। ଲକ୍ଷ୍ମୀକାନ୍ତ ସେଠୀ ରହିଥିବାବେଳେ ଅନ୍ୟତମ ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକଙ୍କ ବଦଳି ପରେ ଉକ୍ତ ପଦ ଖାଲି ପଡିଥିଲା।

## ନବଜାତ ଶିଶୁପୁତ୍ର ଉଦ୍ଧାର

ପୁରୁଣା ଭୁବନେଶ୍ୱର,୩୧।୧(ଡି.ଏନ୍.ଏ.): ଏୟାରଫିଲ୍ଡ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତି ନିକଟ ଦକ୍ଷିଣ-ପୂର୍ବ ରେଳ ଧାରଣାରୁ ସୋମବାର ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରେଳ ଧାରଣାରେ ନବଜାତ ଶିଶୁପୁତ୍ର ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ପରେ ଜିଆରପି ଥାନା ପୋଲିସ ଉପସ୍ଥିତିରେ ପ୍ରଦୀପ ସେବା ଟ୍ରଷ୍ଟ ସଦସ୍ୟମାନେ ଶିଶୁପୁତ୍ରକୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ କେହି ଶିଶୁପୁତ୍ରକୁ ଜନ୍ମ ପରେ ଏଠାରେ ଛାଡ଼ିଦେଇଥିବା ସନ୍ଦେହ କରାଯାଉଛି।

## କଳାକୁ ଭଲ ପାଉଥିଲେ କୁଞ୍ଜବିହାରୀ

ଭୁବନେଶ୍ୱର,୩୧।୧: ଓଡ଼ିଶାର ଜଣାଶୁଣା ମଞ୍ଚ ନାଟ୍ୟକାର କୁଞ୍ଜବିହାରୀ ରାଏ ବର୍ଷକ ତଳେ ୭୬ବର୍ଷ ବୟସରେ ଘର ପରିବାର ବିଶେଷ କରି ତାଙ୍କର ପ୍ରିୟ ମଞ୍ଚକୁ ଛାଡି ଚାଲି ଯାଇଛନ୍ତି। ବିଶେଷ କରି ନାଟକ, ଉପନ୍ୟାସ, ଅନୁସୃଜିତ ନାଟକ, ନାଟ୍ୟରୂପା ସହ ଗଳ୍ପ ଓ ସାହିତ୍ୟରେ ରୁଚି ରଖି ସେ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ସେ ଭାରତ ସରକାରଙ୍କ ମହାଲେଖାଗାର (ଏଜି)ରେ ଚାକିରି କରିବା ଦିନ ଠାରୁ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କ ଲିଖିତ ନାଟକ ପରିବେଷଣ କରାଯାଉଥିଲା। ଓଡ଼ିଆ ଭାଷା,ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ବିକାଶ ସାଧନ ଲାଗି ସେ ଦୃଢ଼ ସଂକଳ୍ପ ଓ ମାନସିକତାର ବ୍ୟକ୍ତି ଥିଲେ ବୋଲି ତାଙ୍କ ସହକର୍ମୀ ଓ କଳାକାରମାନେ ମତବ୍ୟକ୍ତ କରିଛନ୍ତି। ତାଙ୍କର ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ଧର୍ମପତ୍ନୀ ସବିତା ରାଏ ଏବଂ ପୁଅ, ଝିଅ, ବୋହୂ, ଜ୍ୱାଇଁ, ନାତିନାତୁଣୀ ଏବଂ ସ୍ଥାନୀୟ ବାସିନ୍ଦା ମଧ୍ୟ ଆଜି ବି କୁଞ୍ଜ ଭାଇଙ୍କୁ ମନେ ପକାଇ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୩ ହଜାର ଦୟଣା ଗଛ ଦାନ

ପୁରୀ ଅଫିସ, ୩୧।୧: ଭୁବନେଶ୍ୱରର ବିଶ୍ୱାସ ରଏ ନାମକ ଭକ୍ତ ସୋମବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରକୁ ୩ହଜାର ଦୟଣା ଗଛ ଦାନ କରିଛନ୍ତି। ଆନ୍ଧ୍ରପ୍ରଦେଶ କାକିନାଡ଼ାରୁ ନିଜସ୍ୱ ଖର୍ଚ୍ଚରେ ଉକ୍ତ ଗଛଗୁଡିକ ମଗାଇ ସେ ଦାନ କରିଛନ୍ତି। ଏହି ଦୟଣା ଗଛଗୁଡ଼ିକୁ ଶ୍ରୀମନ୍ଦିର ଭକ୍ତ ନିବାସର ସହକାରୀ ମ୍ୟାନେଜର ଅରୁଣ ପାଣିଗ୍ରାହୀଙ୍କୁ ସେ ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ନୀଳାଚଳ ଉପବନ, କୋଇଲି ବୈକୁଣ୍ଠ ଉପବନ, ଜେଲ ରୋଡ଼ ବଗିଚା, ମାଟି ତୋଟା ବଗିଚା ଏବଂ ହରିଶଙ୍କର ବଗିଚାରେ ଗଛଗୁଡ଼ିକ ଲଗାଯିବାର ବନ୍ଦୋବସ୍ତ କରାଯାଇଛି। ସେହିପରି ୧୫ ଦିନ ତଳେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୁଦ୍ରକୂଳ ରୁଦ୍ରଭାବନ, ପୁରୀର ଭକ୍ତି ସ୍ୱରୂପ ସୋମନ ମହାରାଜ ୧୫୦ଟି ଦୟଣା ଗଛ ଦାନ ଦେଇଥିଲେ।

# ବାଲୁକାକଳାରେ ସ୍ୱଚ୍ଛତା ବାର୍ତ୍ତା




ଭୁବନେଶ୍ୱର, ୩୧।୧(ବ୍ୟୁରୋ)

ଦେଶର ୪,୫୦୦ରୁ ଊର୍ଦ୍ଧ୍ୱ ସହରାଞ୍ଚଳରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ ପ୍ରତିଯୋଗିତା ଜାରି ରହିଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ସାମିଲ ହୋଇଛି। ଏଥିପାଇଁ ସହରର ବିଭିନ୍ନ ଅନୁଷ୍ଠାନ ଏବଂ ଗୋଷ୍ଠୀ ସଂଗଠନ ଏହି ସ୍ୱଚ୍ଛତା ଦୌଡ଼ରେ ବିଏମ୍‌ସିକୁ ସହଯୋଗ କରୁଛନ୍ତି। ନିଜ ନିଜ ସ୍ତରରେ ବିଭିନ୍ନ ପ୍ରକାରର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରି ଜନ ସଚେତନତା ସୃଷ୍ଟି କରୁଛନ୍ତି। ଏହି କ୍ରମରେ ବିଏମ୍‌ସି ସହଯୋଗରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ଓଡ଼ିଶା ମୁଖ୍ୟାଳୟ ଦ୍ୱାରା ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ସ୍ୱଚ୍ଛତା ବାର୍ତ୍ତା ନେଇ ଏସ୍‌ବିଆଇ ସମ୍ମୁଖରେ ଏକ ସୃଜନଶୀଳ ବାଲୁକା କଳାକୃତି ନିର୍ମାଣ କରାଯାଇଛି। ବିଏମ୍‌ସି ଡେପୁଟି କମିଶନର (ସାନିଟେଶନ) ଶୁଭେନ୍ଦୁ କୁମାର ସାହୁ ଏବଂ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ବିଦ୍ୟା କ୍ରିଷ୍ଣନ୍ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲୁକା ଶିଳ୍ପୀ ସୁବଳ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଏହି ବାଲୁକାକଳା ସହରବାସୀଙ୍କ ସଚେତନ କରିବା ସହ ସ୍ୱଚ୍ଛତା ଦୌଡ଼କୁ ଅଧିକ ଲୋକାଭିମୁଖୀ କରିବ ଡେପୁଟି କମିଶନର ସାହୁ କହିଛନ୍ତି। ଏଥିସହ ସହରର ବିଭିନ୍ନ କଲୋନୀ ଓ ବସ୍ତିରେ ସ୍ୱଚ୍ଛତା ବାର୍ତ୍ତା ପ୍ରଦର୍ଶନ, ସ୍ୱଚ୍ଛତା ନାଟକ ଏବଂ ରେକର୍ଡ଼ ସଂଗୀତ ତଥା ଗୋଷ୍ଠୀ ସହଭାଗିତା ମାଧ୍ୟମରେ କାର୍ଯ୍ୟକ୍ରମମାନ କରାଯାଇଥିଲା। ଏଥିରେ ଇ-ୱେଷ୍ଟ ସଂଗ୍ରହ, ପୃଥକୀକୃତ ବର୍ଜ୍ୟ ସଂଗ୍ରହ, ଏକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍ ବର୍ଜନ ଇତ୍ୟାଦିର ବାର୍ତ୍ତା ଜଣାଯାଇବା ସହ ଗୃହ ପରିଦର୍ଶନ କରାଯାଇଥିଲା।

# ଦିବ୍ୟା ଡାଏରି ଏମ୍‌ଡି ଗିରଫ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

**୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ**

**ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଫେରାର**

ଜାଲ୍ କାଗଜପତ୍ର ଦେଇ ବିଭିନ୍ନ ସଂସ୍ଥାରୁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଋଣ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦିବ୍ୟା ଡାଏରି ଆଗ୍ରୋ ପ୍ରୋସେସର ପ୍ରାଇଭେଟ ଲି.ର ଏମ୍‌ଡି ଅମ୍ରିତା କିଣ୍ଡୋଙ୍କୁ ଗିରଫ କରିଛି। ତାଙ୍କୁ ପଚରାଉଚରା ପରେ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଅମ୍ରିତାଙ୍କ ସ୍ୱାମୀ ତଥା ସମ୍ବନ୍ଧ ଫିନ୍‌ସର୍ଭର ଏମ୍‌ଡି ଦୀପକ କିଣ୍ଡୋ। ସେ ଏବେ ଫେରାର ଅଛନ୍ତି। ଅମ୍ରିତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ତାଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ଉଦ୍ୟମ କରିବା ସହ ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଦୀପକଙ୍କର ଚନ୍ଦକା ଶିଳ୍ପାଞ୍ଚଳରେ ସମ୍ବନ୍ଧ ଫିନ୍‌ସର୍ଭ ପ୍ରାଇଭେଟ ଲି. ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥା ରହିଛି। ସେ ଉକ୍ତ ସଂସ୍ଥା ମାଧ୍ୟମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ଦେବାକୁ କହି ଖଣ୍ଡଗିରିସ୍ଥିତ ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲି.ରୁ ୨୦୨୦ ଡିସେମ୍ବରରେ ଜାଲ୍ କାଗଜପତ୍ର ଦେଇ ୫ କୋଟି ଟଙ୍କା ନେଇ ନିଜେ ଚଳୁ କରିଦେଇଥିଲେ। ଦୀପକଙ୍କ ଠକେଇ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅନ୍ନପୂର୍ଣ୍ଣା ଫାଇନାନ୍ସ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ସେ ୫୦ ଲକ୍ଷ ଟଙ୍କା ଫେରାଇ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଅନ୍ନପୂର୍ଣ୍ଣା ଫାଇନାନ୍ସର ଏମ୍‌ଡି ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ୨୦୨୧ ଡିସେମ୍ବର ୩୧ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ ମାମଲା( ନଂ.୧୭/୨୦୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଛି, ଦୀପକ ୨୦୧୫ରୁ ୨୦୨୦ ମଧ୍ୟରେ ବିଭିନ୍ନ ସଂସ୍ଥାଠାରୁ ଋଣ ଆଣି ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଛନ୍ତି। ଏହି ସମୟ ମଧ୍ୟରେ ସମ୍ବନ୍ଧ ଫିନ୍‌ସର୍ଭର ସହବନ୍ଧିତ ସଂସ୍ଥା ଏଗ୍ରୋ ପ୍ରୋସେସୋର ପ୍ରାଇଭେଟ ଲି.ର ବ୍ୟାଙ୍କ ଆକାଉଣ୍ଟକୁ ୨୨.୭୨ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଥିବା ଇଓଡବ୍ଲ୍ୟୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛି। ସୂଚନାଯୋଗ୍ୟ, ଦୀପକ ମଧ୍ୟ ପୂର୍ବରୁ ଗିରଫ ହୋଇ ଜେଲ୍ ଯାଇଥିଲେ। ବହୁ କୋଟି ଟଙ୍କାର ଠକେଇ ଅଭିଯୋଗରେ ହାଇଦ୍ରାବାଦ ପୋଲିସ ଗତବର୍ଷ ଜୁଲାଇରେ ତାଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ କର୍ନାଟକ ଓ ତାମିଲନାଡୁରେ ଏକାଧିକ ମାମଲା ରହିଥିବା ସେତେବେଳେ ହାଇଦ୍ରାବାଦ ଯୁଗ୍ମ ପୋଲିସ କମିଶନର କହିଥିଲେ।



ଅମ୍ରିତା କିଣ୍ଡୋ।

## ସେକ୍ସ ର୍‍ୟାକେଟ ଠାବ, ୬ ଗିରଫ

**ଟ୍ରେନିଂ କଲେଜ କ୍ୱାର୍ଟର୍ସରେ ଚାଲିଥିଲା ଦେହ ବ୍ୟବସାୟ**

କଟକ ଅଫିସ, ୩୧।୧

କଟକରୁ ସୋମବାର ଏକ ସେକ୍ସ ର୍‍ୟାକେଟ ଠାବ କରିଛି କଟକ କମିଶନରେଟ ପୋଲିସ। ରାଧାନାଥ ଟ୍ରେନିଂ କଲେଜ ପରିସରସ୍ଥ ଏକ କ୍ୱାର୍ଟର୍ସରେ ଏହି ସେକ୍ସ ରାକେଟ ଚାଲିଥିଲା। ଏହି ମାମଲାରେ ପୋଲିସ ମୋଟ ୬ଜଣଙ୍କୁ ଗିରଫ କରିଛି। ଗ୍ରାହକ କଟକ ଶାର୍ଡୋଳର ଦୁର୍ଯ୍ୟୋଧନ ସେଠୀ, ମହିଳା ଦଲାଲ ସୁଜାତାଙ୍କ ସମେତ ନିଆଳି ଓ ବଡ଼ମ୍ବା ଅଞ୍ଚଳର ୨ଜଣ ଦେହଜୀବୀଙ୍କୁ ଗିରଫ କରାଯାଇଛି। ସେହିପରି କ୍ୱାର୍ଟର୍ସ ମାଲିକ ଶରତ ଚନ୍ଦ୍ର ଚାନ୍ଦ ଓ ଝୁନୁ ଚାନ୍ଦଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଦୀର୍ଘଦିନ ଧରି ଏଠାରେ ଦେହବ୍ୟବସାୟ ଚାଲିଥିବା ପୋଲିସ ଜାଣିବାକୁ ପାଇଛି। ସୋମବାର ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଉଦ୍ଧାର ହୋଇଥିବା ମହିଳାଦ୍ୱୟଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ କହିଛନ୍ତି।

# ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ

ବାଲିପାଟଣା,୩୧।୧(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁର ନିକଟ ତ୍ରିବେଣୀ ପୀଠରେ ସୋମବାର ତ୍ରିବେଣୀ ମହୋତ୍ସବ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଆମ ସଙ୍ଗଠନର ମୁଖ୍ୟ କମଳ କୁମାର ପାତ୍ର ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବାଲିପାଟଣା ପ୍ରେସକ୍ଲବ ସଭାପତି ଦିଲୀପ କୁମାର ଓଝା ଯୋଗଦେଇ କହିଥିଲେ, ଏହି ତ୍ରିବେଣୀ ଯାତ୍ରା ଓଡ଼ିଶାର ଏକ ପ୍ରମୁଖ ମେଳାଭାବେ ପରିଚୟ ଦେଇ ଆସିଛି। ବାଲିପାଟଣା ପଞ୍ଚାୟତ ସମିତି ଅଧକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ,ବାଲିଅନ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଚିତ୍ରା ଜେନାମଣି,ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର ଚନ୍ଦ୍ର ଜେନା,ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ କୁମାର ଜେନାମଣି,ପବିତ୍ର ମୋହନ ପଟେଲ, ଗଙ୍ଗାଧର ମଲ୍ଲିକ ଓ ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ ଯୋଗଦେଇ ତ୍ରିବେଣୀ ଯାତ୍ରାର ଇତିହାସ, ପରମ୍ପରା ଓ ଧାର୍ମିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ପରିବେଷିତ ଶାରଳା ନୃତ୍ୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। କମଳ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅକ୍ଷୟ କୁମାର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ।

# ଭୁବନେଶ୍ୱର ଫର୍ନିଚର ଶୋ'ରୁମର ଶୁଭାରମ୍ଭ

ଭୁବନେଶ୍ୱର, ୩୧।୧(ବ୍ୟୁରୋ)

ଭୁବନେଶ୍ୱର ସହରବାସୀଙ୍କୁ ଉନ୍ନତମାନର ଆସବାବପାତ୍ର ସାମଗ୍ରୀ ଯୋଗାଇବା ଲକ୍ଷ୍ୟ ନେଇ ସୋମବାର ସ୍ଥାନୀୟ ସାମନ୍ତରାପୁର ସ୍ଥିତ ମହାବୀର ବଜାରଠାରେ ଭୁବନେଶ୍ୱର ଫର୍ନିଚର ଶୋ'ରୁମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅବସରରେ ଶୋ'ରୁମ ପକ୍ଷରୁ ମାତ୍ର ୧.୫ ଲକ୍ଷ ଟଙ୍କାରେ ଗୋଟିଏ ସୁନ୍ଦର ଗୃହ ଉପକରଣର ପ୍ୟାକେଜ ପ୍ରଦାନ କରାଯାଉଛି। ସେହିପରି ପରିବାରର ଆବଶ୍ୟକତା କିମ୍ବା ଝିଅ ବାହାଘର ପାଇଁ ସମସ୍ତ ଗୃହୋପଯୋଗୀ ସାମଗ୍ରୀ ଏଠାରୁ ଗ୍ରାହକମାନେ ସୁଲଭ ମୂଲ୍ୟ ସାଙ୍ଗକୁ ଗୁଣାତ୍ମକ ମାନର ଉତ୍ପାଦ ପାଇ ପାରିବେ ବୋଲି ଶୋ'ରୁମ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ସ୍ଲିପ୍‌ୱେଲ କମ୍ପାନୀ ପକ୍ଷରୁ ଭୁବନେଶ୍ୱର ଫର୍ନିଚର ସୋ'ରୁମରୁ ପ୍ରତି କ୍ରୟ ଉପରେ ଆକର୍ଷଣୀୟ ଅଫର ସାଙ୍ଗକୁ ବିଭିନ୍ନ ପ୍ରକାର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ପ୍ରତି ବାହାଘର ପ୍ୟାକିଂ ଉପରେ ୬୦ କି.ମି. ପର୍ଯ୍ୟନ୍ତ ପରିବହନ ସୁବିଧା ମାଗଣାରେ ଶୋରୁମ୍ ପକ୍ଷରୁ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି ବୋଲି ଏହାର ପ୍ରୋପ୍ରାଇଟର ବିଶ୍ୱଜିତ ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲଚନ୍ଦ୍ର ମହାନ୍ତି, କମ୍ପାନୀର ଡିଷ୍ଟ୍ରିବ୍ୟୁଟର ମିତେଶ ଥୱାନୀ, ଏରିଆ ମ୍ୟାନେଜର ଯୋଗେଶ ଶର୍ମା, ସୌମ୍ୟରଞ୍ଜନ ମହାପାତ୍ର, ସଂଗ୍ରାମ କେଶରୀ ମହାନ୍ତି ଏବଂ ପ୍ରତାପଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣା ଭୁବନେଶ୍ୱର ସ୍ଥିତ ମହାବୀର ବଜାରର ଆଇସିଆଇସିଆଇ ବ୍ୟାଙ୍କ ଉପର ମହଲାରେ ଏହି ଫର୍ନିଚର ଶୋ'ରୁମ ତଥା ସ୍ଲିପୱେଲ ଗ୍ୟାଲେରି ୩୧ ଜାନୁୟାରୀରେ ଉଦ୍‌ଘାଟିତ ହୋଇଛି।

# ପ୍ରତିଭା ଦେଖାଇଲେ ଅସହାୟ ପିଲା

ଭୁବନେଶ୍ୱର, ୩୧।୧ (ବ୍ୟୁରୋ)

**'ଆଶାଏଁ'ର ବାର୍ଷିକ ଶିଶୁ ଉତ୍ସବ**

ଦିନେ ରାସ୍ତାକଡ଼ରେ ଲକ୍ଷ୍ୟହୀନ ହୋଇ ବୁଲୁଥିବା ପିଲା ଆଜି ମଞ୍ଚରେ ନିଜର ପ୍ରତିଭା ପ୍ରଦର୍ଶନ କରୁଛି। ସେମାନେ କେବଳ ନିଜ ପାଇଁ ନୂଆ ପରିଚୟ ତିଆରି କରିନାହାନ୍ତି, ବରଂ ସେମାନେ ଅନ୍ୟ ପିଲାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଅସହାୟ ପିଲାଙ୍କ ଆଶା ପାଲଟିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶାଏଁ'। ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ୮ମ ବାର୍ଷିକ ଶିଶୁ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ଚାଲୁଥିବା ବିଭିନ୍ନ ସେଣ୍ଟରର ପିଲାମାନେ ଭାଗ ନେଇ ନୃତ୍ୟଗୀତ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏମ୍‌ପି ଅମର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ସାମାଜିକ କର୍ମୀ ଶାଶ୍ୱତୀ ବଳ, ପ୍ରଫୁଲ୍ଲ ସାହୁ, କରୋନେଲ ଦେବଦତ୍ତ ସ୍ୱାଇଁ, କବିତା ଶର୍ମା, ଡା. ସ୍ୱୟଂପ୍ରକାଶ, ଡକ୍ଟର ଏସ୍.ପି.ଚକ୍ରବର୍ତ୍ତୀ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ପିଲାଙ୍କୁ ବିଭିନ୍ନ କୌତୁକ ଖେଳ ମାଧ୍ୟମରେ ପରସ୍ପର ସହ ମିଶିବା ପାଇଁ ସୁଯୋଗ ଦିଆଯାଇଥିଲା। ଆଶାଏଁର ଅଧ୍ୟକ୍ଷ ରତ୍ନାକର ସାହୁ ଅନୁଷ୍ଠାନର ବାର୍ଷିକ ବିବରଣୀ ପ୍ରଦାନ କରିବା ସହ କୋଭିଡ ସମୟରେ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଚଳିତ ବର୍ଷ ଅନୁଷ୍ଠାନର ୩ଜଣ ପିଲା ମାଟ୍ରିକ ପରୀକ୍ଷାରେ କୃତିତ୍ୱର ସହ ପାସ କରି କଲେଜରେ ପାଠ ପଢୁଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମରେ ଅଧିକ ପିଲାଙ୍କୁ ସାମିଲ କରିବା ପାଇଁ ପ୍ରୟାସ କରୁଥିବା ଅଧ୍ୟକ୍ଷ ସାହୁ କହିଛନ୍ତି।




ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ

**ଖୋର୍ଦ୍ଧା ଅଫିସ,୩୧।୧ :** ଭୁବନେଶ୍ୱର ଖଣ୍ଡଗିରି ଥାନା ନିକଟ ଓଭର ବ୍ରିଜଠାରେ ସୋମବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲାର ବରିଷ୍ଠ ଖବରଦାତା ଶୁଭ୍ରରଞ୍ଜନ ଦାଶଙ୍କ ବେକରୁ କେତେଜଣ ଦୁର୍ବୃତ୍ତ ସୁନାଚେନ ଝାମ୍ପି ନେଇଛନ୍ତି। ସୂଚନା ମୁତାବକ, ଶୁଭ୍ରରଞ୍ଜନ ସ୍କୁଟିରେ କୌଣସି କାମରେ ଭୁବନେଶ୍ୱର ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ବ୍ଲାକ ପଲସରରେ ଆସୁଥିବା ଦୁଇ ଜଣ ଦୁର୍ବୃତ୍ତ ଓଭରବ୍ରିଜରେ ତାଙ୍କ ନିକଟରୁ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ତେବେ ଖଣ୍ଡଗିରି ଛକଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ପୋଲିସ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଢ଼ିଲା ପାଟ୍ରୋଲିଂ ଯୋଗୁ ଯାତ୍ରା ସୁରକ୍ଷିତ ନୁହେଁ ବୋଲି ଶୁଭ୍ରରଞ୍ଜନ କହିଛନ୍ତି।

### ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ

**ବାଲିପାଟଣା,୩୧।୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁର ନିକଟ ତ୍ରିବେଣୀ ପୀଠରେ ସୋମବାର ତ୍ରିବେଣୀ ମହୋତ୍ସବ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଆମ ସଙ୍ଗଠନର ମୁଖ୍ୟ କମଳ କୁମାର ପାତ୍ର ଯୋଗଦେଇ ଏହି ଉତ୍ସବକୁ କରି ଉଦଘାଟନ କରିଥିଲେ। ଅତିଥିଭାବେ ବାଲିପାଟଣା ପ୍ରେସକ୍ଲବ ସଭାପତି ଦିଲୀପ କୁମାର ଓଝା ଯୋଗଦେଇ କହିଥିଲେ, ଏହି ତ୍ରିବେଣୀ ଯାତ୍ରା ଓଡ଼ିଶାର ଏକ ପ୍ରମୁଖ ମେଳାଭାବେ ପରିଚୟ ଦେଇ ଆସିଛି। ବାଲିପାଟଣା ପଞ୍ଚାୟତ ସମିତି ଅଧକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ,ବାଲିଅନ୍ତା ପଞ୍ଚାୟତ ସମିତି ଅଧକ୍ଷା ସୁଚିତ୍ରା ଜେନାମଣି,ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର ଚନ୍ଦ୍ର ଜେନା,ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ କୁମାର ଜେନାମଣି,ପବିତ୍ର ମୋହନ ପଟେଲ, ଗଙ୍ଗାଧର ମଲ୍ଲିକ ଓ ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ ଯୋଗଦେଇ ତ୍ରିବେଣୀ ଯାତ୍ରାର ଇତିହାସ, ପରମ୍ପରା ଓ ଧାର୍ମିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ପରିବେଷିତ ଶାରଳା ନୃତ୍ୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ଅକ୍ଷୟ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ।

### ଅଧାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ ( ଖୋର୍ଦ୍ଧା),୩୧।୧(ଡି.ଏନ୍.ଏ.):** ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧାପକ ଡ.ଅଶୋକ କୁମାର ନନ୍ଦ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁଧାକର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ସୀତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତାଭାବେ ଜିଲା ଖାଉଟି ଅଦାଲତର ବିଚାରପତି ନାରାୟଣ ମହାପାତ୍ର, ଅତିଥି ଭାବେ ପରିଚାଳନା କମିଟିର ପୂର୍ବତନ ସଭାପତି ରଘୁନାଥ ସାହୁ, କବି ପ୍ରସନ୍ନ ପାଢଶାଣୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମିହିର ମହାପାତ୍ର ପ୍ରମୁଖ ଯୋଗଦେଇ ଅଧାପକ ନନ୍ଦଙ୍କ ଶିକ୍ଷାଦାନ ଶୈଳୀ, କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ସୁଧାକରଙ୍କ କାର୍ଯ୍ୟ ଧାରାକୁ ଅତିଥି ମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ରେଡକ୍ରସ ପକ୍ଷରୁ ଗରିବ ଲୋକଙ୍କୁ ଶୀତବସ୍ତ୍ର ଓ କୋଭିଡ କିଟ୍ ବଣ୍ଟନ କରାଯାଇଥିଲା। ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଣ୍ଡି ସୁବ୍ୟବସ୍ଥା ଲାଗି ପଦକ୍ଷେପ ନିଆଯାଉ

### ଜିଲାପାଳଙ୍କୁ ଦାବିପତ୍ର ଦେଲା ଭାରତୀୟ କିଷାନ ସଂଘ

**ଖୋର୍ଦ୍ଧା ଅଫିସ,୩୧।୧**

ଖୋର୍ଦ୍ଧା ଜିଲାରେ ଧାନକିଣାରେ ଅବ୍ୟବସ୍ଥା ଲାଗି ରହିଛି। ମିଲ୍ ମାଲିକଙ୍କ ମନମାନିରେ ଚାଲିଛି ମଣ୍ଡି। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଗାଁରେ ଆନ୍ଧ୍ର ବେପାରୀ ପଶି କମ୍ ମୂଲ୍ୟରେ ଧାନ କିଣି ନେଉଛନ୍ତି। ସୋମବାର ସୁଦ୍ଧା ୧ଲକ୍ଷ ୩୭ହଜାର କୁଇଣ୍ଟାଲ ଧାନ କିଣାଯାଇଥିବା ଜିଲା ଯୋଗାଣ ବିଭାଗ ସୂଚନା ମିଳିଛି। ଅନ୍ୟପଟେ ଧାନ ଝୋଟ ଅଖାରେ ଦେବା ଲାଗି ନିର୍ଦ୍ଦେଶନାମା ରହିଥିବା ବେଳେ କୌଣସି ମିଲ୍ ମାଲିକ ଚାଷୀଙ୍କୁ ଝୋଟ ଅଖା ଦେଉନଥିବା ଅଭିଯୋଗ ହୋଇଛି। ଏନେଇ ଭାରତୀୟ କିଷାନ ସଂଘ ଅସନ୍ତୋଷ ପ୍ରକାଶ କରିଛି। ସୋମବାର ଖୋର୍ଦ୍ଧା ଜିଲା ସଂଘ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାରତୀୟ କିଷାନ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଚଳିତ ବର୍ଷ ଧାନମଣ୍ଡି ବିଳମ୍ବରେ ଖୋଲିଛି। ତେବେ ଜିଲା ପ୍ରଶାସନ ଓ ଯୋଗାଣ ବିଭାଗର ଅବହେଳାରୁ ଚାଷୀ ମଣ୍ଡିରେ ଧାନ ଦେଇପାରୁନାହାନ୍ତି। ମିଲ୍ ମାଲିକମାନେ ଧାନ ଏଫ୍‌ଏକ୍ୟୁର ମାନର ନ ଥିବା କହି ଫେରାଇ ଦେଉଛନ୍ତି। ଫଳରେ ଚାଷୀ ହଇରାଣ ହେଉଛନ୍ତି। ଧାନର କଟ୍‌ନିଛଟ୍‌ନି କରାଯିବ ନାହିଁ ସରକାର ଘୋଷଣା କରିଥିବା ବେଳେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କୁଇଣ୍ଟାଲ ପିଛା ୭ରୁ ୧୦କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି। ବିଭାଗୀୟ ଅସାଧୁ କର୍ମଚାରୀ ଏବଂ ମିଲ୍ ମାଲିକଙ୍କ ମଧୁଚନ୍ଦ୍ରିକାରେ ଧାନକିଣା ଚାଲିଛି। ଚାଷୀ ଶୋଷଣର ଶିକାର ହେଉଛନ୍ତି। ଏନେଇ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆନ୍ଧ୍ର ବେପାରୀ ଦୈନିକ ଶହ ଶହ କୁଇଣ୍ଟାଲ ଧାନ ଜିଲାର ବିଭିନ୍ନ ସ୍ଥାନରୁ ନେଉଛନ୍ତି। ଯୋଗାଣ ବିଭାଗ ସବୁ ଜାଣି ମଧ ନୀରବଦ୍ରଷ୍ଟା ସାଜିଛି। ଧାନମଣ୍ଡିରେ ଅବ୍ୟବସ୍ଥା ଯୋଗୁ ଚାଷୀ ଅଣନିଃଶ୍ୱାସୀ ହୋଇପଡିଲେଣି। ବେଗୁନିଆ, ବୋଲଗଡ଼ ଚାଷୀଙ୍କ ପ୍ରତି ସମ୍ପୃକ୍ତ ମିଲ୍ ମାଲିକ ଅଶାଳୀନ ବ୍ୟବହାର କରୁଛନ୍ତ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଧାନମଣ୍ଡିର ସୁବ୍ୟବସ୍ଥିତ, ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ କିଷାନ ସଂଘର ରାଜ୍ୟ ସଂଯୋଜକ ପୂର୍ବତନ ସୁବେଦାର ମେଜର ମଧୁସୂଦନ ଦାସ, ଜିଲା ଉପସଭାପତି ଆଇନଜୀବୀ ବିକ୍ରମ ଚମ୍ପତି, ସୁଦର୍ଶନ ରଥଙ୍କ ସମେତ ଏକାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଏଫ୍‌ସିଆଇ ଟିମ୍‌ର ଖୋର୍ଦ୍ଧା ଗସ୍ତ

**ଖୋର୍ଦ୍ଧା ଅଫିସ,୩୧।୧**

ଖୋର୍ଦ୍ଧା ଜିଲାରେ ଧାନକିଣାରେ ଅବ୍ୟବସ୍ଥା ଲାଗି ରହିଛି। ସୋମବାର ଏଫ୍‌ସିଆଇ ମ୍ୟାନେଜର(ସାଧାରଣ) ସରିତା ମହାନ୍ତି ଓ ମ୍ୟାନେଜର ଗୋବିନ୍ଦ ମାରାଣ୍ଡି ଖୋର୍ଦ୍ଧା ଗସ୍ତରେ ଆସି ଧାନମଣ୍ଡି କିପରି ଚାଲିଛି, ଧାନର କ୍ୱାଲିଟି ଯାଞ୍ଚ କରିବା ସହ କେତେକ ମଣ୍ଡିରୁ ଧାନ ନମୁନା ସଂଗ୍ରହ କରି ନେଇଛନ୍ତି। ଏହି ଟିମ୍ ପ୍ରଥମେ ପୁରୁ ସାହି, ବାଘମାରୀ ପରେ ଜୟମଙ୍ଗଳ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ବୁଲିଥିଲେ। ଏଥିସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଧାନ କେବଳ ଝୋଟ ଅଖାରେ ଦେବା ପାଇଁ ଚାଷୀଙ୍କୁ କହିଥିଲେ। ଝୋଟ ଅଖା ଚାଷୀଙ୍କୁ ଯୋଗାଇ ଦେବା ପାଇଁ ସମ୍ପୃକ୍ତ ମିଲର୍ସଙ୍କୁ ନିର୍ଦ୍ଦେଶ ଦେବା ଲାଗି ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶନାମା ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ଜିଲାରେ କୌଣସି ମିଲ୍ ମାଲିକ ଚାଷୀଙ୍କୁ ଝୋଟ ଅଖା ଦେଉନାହାନ୍ତି ବୋଲି ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଅଭିଯୋଗ କରିଛନ୍ତି। ଏନେଇ ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

### ପର୍ଯ୍ୟଟକଙ୍କ ଭ୍ୟାନିଟ୍‌ରୁ ଟଙ୍କା ଚୋରି, ମହିଳା ଗିରଫ

**ବାରଙ୍ଗ, ୩୧।୧(ଡି.ଏନ୍.ଏ.)**

ନନ୍ଦନକାନନରେ ରବିବାର ଜଣେ ମହିଳା ପର୍ଯ୍ୟଟକଙ୍କ ଭ୍ୟାନିଟି ବ୍ୟାଗରୁ ଟଙ୍କା ଚୋରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ୟୁନିଟ-୩ ପ୍ରେସ୍ କଲୋନୀରେ ରହୁଥିବା ଲକ୍ଷ୍ମୀ ରେଡ୍ଡୀ। ସୂଚନାଯୋଗ୍ୟ, ମହିଳା ପର୍ଯ୍ୟଟକ ଜଣଙ୍କ ପରିବାର ସହ ନନ୍ଦନକାନନ ବୁଲିବାକୁ ରବିବାର ଆସିଥିଲେ। ବୁଲିବା ସମୟରେ ମହିଳାଙ୍କ ଭ୍ୟାନିଟିରୁ ଜଣେ ଅପରିଚିତା ମହିଳା ଉକ୍ତ ମହିଳାଙ୍କ ବ୍ୟାଗ ଭିତରୁ ଟଙ୍କା ଚୋରି କରି ଖସି ପଳାଉଥିଲେ। ପର୍ଯ୍ୟଟକ ମହିଳା ଏହା ଜାଣିବା ପରେ ପରିବାର ଲୋକ ଏବଂ ଅନ୍ୟ ପର୍ଯ୍ୟଟକମାନଙ୍କ ସହାୟତାରେ ଭ୍ୟାନିଟିରୁ କୌଶଳକ୍ରମେ ଚୋରି କରିଥିବା ମହିଳାଙ୍କୁ ଅଟକ ରଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଆସି ଅନୁଧ୍ୟାନ କରି ଚୋରି କରିଥିବା ଲକ୍ଷ୍ମୀଙ୍କଠାରୁ ହଜାରେ ଟଙ୍କା ଜବତ କରିବା ସହ ଗିରଫ କରିଥିଲେ। ପର୍ଯ୍ୟଟକଙ୍କ ଅଭିଯୋଗକ୍ରମେ ପୋଲିସ ଏ ନେଇ ଏକ ମାମଲା (ନଂ. ୧୫/୨୨) ରୁଜୁ କରିଛି।

### ନବଜାତ ଶିଶୁପୁତ୍ର ଉଦ୍ଧାର

**ପୁରୁଣା ଭୁବନେଶ୍ୱର, ୩୧।୧(ଡି.ଏନ୍.ଏ.)**

ଏୟାରଫିଲ୍ଡ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତି ନିକଟ ଦକ୍ଷିଣ-ପୂର୍ବ ରେଳ ଧାରଣାରୁ ସୋମବାର ଏକ ନବଜାତ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରେଳ ଧାରଣାରେ ନବଜାତ ଶିଶୁପୁତ୍ର ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ପରେ ଜିଆରପି ଥାନା ପୋଲିସ ଉପସ୍ଥିତିରେ ପ୍ରଦୀପ ସେବା ଟ୍ରଷ୍ଟ ସଦସ୍ୟମାନେ ଶିଶୁପୁତ୍ରକୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ କେହି ଶିଶୁପୁତ୍ରକୁ ଜନ୍ମ ପରେ ଏଠାରେ ଛାଡ଼ି ଦେଇଥିବା ସନ୍ଦେହ କରାଯାଉଛି।

### ଟ୍ୟାଗ୍ ଲାଗିଥିବା ପାରା ଉଦ୍ଧାର

**ଡେଲାଙ୍ଗ, ୩୧।୧(ଡି.ଏନ୍.ଏ.)**

ପୂର୍ବରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କେତେକ ରହସ୍ୟମୟ ପାରା ଧରାଯାଇଥିଲା। କିଛିଦିନ ପରେ ପୁଣି ସେଭଳି ଏକ ଟ୍ୟାଗ୍ ଲାଗିଥିବା ପାରା ପୁରୀ ଜିଲା ଡେଲାଙ୍ଗ ବ୍ଲକର ମୁନିନ୍ଦା ପଞ୍ଚାୟତ ଅନ୍ତର୍ଗତ ଅଳଉତା ଗ୍ରାମରୁ ସୋମବାର ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଅଳଉତା ଗ୍ରାମର ଚିନ୍ମୟ ମହାରଣାଙ୍କ ଛାତ ଉପରେ ଏହି ପାରାଟି ବସିଥିଲା। ଚିନ୍ମୟ ପାରା ନିକଟକୁ ଯିବାବେଳେ ପାରାର ଡାହାଣ ଗୋଡ଼ରେ ଏକ ଟ୍ୟାଗ୍ ଲାଗିଥିବା ଦେଖିବାକୁ ପାଇଥିଲେ। ସେହି ଟ୍ୟାଗ୍‌ରେ ଚାଇନିଜ୍ ଓ ଇଂଲିଶ୍ ଭାଷାରେ କିଛି ଲେଖାଥିବା ବେଳେ ୦୦୯୩ରେ କୋଡ୍ ଲେଖାଯାଇଛି। ଖବର ପ୍ରଚାର ହେବା ପରେ ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଡେଲାଙ୍ଗ ଆଇଆଇସି ଅନିଲ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏଏସଆଇ ରାଜକିଶୋର ରାଉତ ଓ ସିପାହି କୃଷ୍ଣଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ରହସ୍ୟମୟ ପାରାକୁ ଉଦ୍ଧାର କରିଥିଲେ। ଅଧିକ ଯାଞ୍ଚ ପାଇଁ ପୋଲିସ ପାରାଟିକୁ ଡେଲାଙ୍ଗ ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ହସ୍ତାନ୍ତର କରିଥିଲେ।

### ଜରିପୁଟରେ ହାତୀ, ଲୋକେ ଭୟଭୀତ

**ଖୋର୍ଦ୍ଧା ଅଫିସ,୩୧।୧**

ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଜରିପୁଟ ଗାଁ ମୁଣ୍ଡରେ ଏକ ହାତୀ ରହିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଥିବା ବେଳେ ହାତୀ ଭୟରେ ବହୁ ଗ୍ରାମବାସୀ ଗାଁ କୁ ଫେରିବା ପାଇଁ ତୋଟାପଡା ଛକରେ ଅପେକ୍ଷା କରିଥିଲେ। ଖବରପାଇ ବନ ବିଭାଗ ଟିମ୍ ହାତୀକୁ ଜଙ୍ଗଲ ଆଡକୁ ଘଉଡାଇବା ପାଇଁ ଉଦ୍ୟମ ଚଳାଇଛି। ଖବର ଲେଖାହେବା ସୁଦ୍ଧା ହାତୀ ଗାଁ କ୍ଲବ ନିକଟରେ ରହିଥିବା ଜଣାପଡ଼ିଛି। ସୂଚନା ମୁତାବକ, ନିକଟରେ ଜଙ୍ଗଲରେ ହାତୀ ରହୁଥିବା ବେଳେ

**ବାରିରେ ପଶି କଦଳୀ ଖାଇଗଲା**

ସଞ୍ଜ ନଇଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। କଦଳୀ ଖାଇବା ଆଶାରେ ବାରିପଟେ ପଶି ବ୍ୟାପକ ନଷ୍ଟ କରୁଛି। ଗ୍ରାମର ସୁଦର୍ଶନ ଛୋଟରାୟ ଏବଂ ରବି ନାରାୟଣ ସେନାପତିଙ୍କ ଘର ବାରିପଟେ ପଶି କଦଳୀ କାନ୍ଦି ଖାଇଯିବା ସହ ବ୍ୟାପକ ନଷ୍ଟ କରିଛନ୍ତି। ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି। ଅନେକ ଗ୍ରାମବାସୀ ହାତୀ ଭୟରେ ବାରିରେ ଲଗାଇଥିବା କଦଳୀ ଗଛ ଉପାଡି ଦେଉଥିବା ଜଣାପଡିଛି।

### କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ତହସିଲଦାରଙ୍କୁ ଆକ୍ରମଣ ପ୍ରତିବାଦରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

**ଜଟଣୀ,୩୧।୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ରାଣୀପୁର ମୌଜା ଅଞ୍ଚଳରେ ଥିବା ଏକ ଖଣିରେ ଶନିବାର ରାତିରେ ଚଢ଼ାଉ ବେଳେ ଜଟଣୀ ତହସିଲଦାର ତପନ କୁମାର ମହାପାତ୍ର ଓ କେତେଜଣ କର୍ମଚାରୀଙ୍କୁ ମାଫିଆମାନେ ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କଲମ ଛାଡ଼ ଆନ୍ଦୋଳନ କରିଥିଲେ। ଫଳରେ

**ତହସିଲଦାରଙ୍କୁ ଆକ୍ରମଣ ଘଟଣା**

ଅନେକ ବ୍ୟକ୍ତି ଜମିଜମା କାମ କରି ନ ପାରି ଫେରି ଯାଇଥିଲେ। ଖବରପାଇ ଜଟଣୀ ଥାନା ଅଧିକାରୀ ଦୟାନିଧି ନାୟକ ପହଞ୍ଚି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଥାଉ କି, ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ଚୋରା ଚାଲାଣ ନେଇ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଶନିବାର ରାତିରେ ରାଣୀପୁର ମୌଜା ଅଞ୍ଚଳରେ ଥିବା ଏକ ଖଣିରେ ଚଢ଼ାଉ ବେଳେ ଜଟଣୀ ତହସିଲଦାର ମହାପାତ୍ର ଓ କର୍ମଚାରୀଙ୍କୁ କେତେଜଣ ମାଫିଆ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ତହସିଲଦାରଙ୍କ ଅଭିଯୋଗ ସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନାହିଁ।

### ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ବିଧାୟକ

**କୃଷ୍ଣପ୍ରସାଦ,୩୧।୧(ଡି.ଏନ୍.ଏ.)**

ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସୋମବାର ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। କୃଷ୍ଣପ୍ରସାଦ ବ୍ଲକ ୧୦ ନମ୍ବର ଜୋନ୍ ଜିଲାପରିଷଦ ପ୍ରାର୍ଥୀ ରୋହିତ ଜେନା, ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ସରୋଜ ଲେଙ୍କା, ସମିତିସଭ୍ୟ ପ୍ରାର୍ଥୀ ଧୀରେନ୍ଦ୍ର ବେହେରାଙ୍କ ପାଇଁ ବିଧାୟକ ମହାପାତ୍ର ଓ ରଞ୍ଜନ କୁମାର ଦଳାଇ ଭୋଟ୍ ପାଇଁ ନିବେଦନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଭାଗବତ ସାହିର ୫ପରିବାର ଭାଜପାରେ ସାମିଲ ହୋଇଥିଲେ । ବିଧାୟକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

### ବଜରଙ୍ଗୀ ଫାଇଟର, ପିଏସ୍‌କେ ୱାରିୟର ବିଜୟୀ

**ଜଟଣୀ,୩୧।୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମଠାରେ ଚାଲିଥିବା କୁଦିଆରୀ ପ୍ରିମିୟର କ୍ରିକେଟ ଲିଗରେ ସୋମବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ବଜରଙ୍ଗୀ ଫାଇଟର ଏବଂ ଜଗନ୍ନାଥ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଜଗନ୍ନାଥ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ଉଇକେଟ ବିନିମୟରେ ୧୯୧ରନ ସଂଗ୍ରହ କରିଥିଲା। ଜବାବରେ ବଜରଙ୍ଗୀ ଫାଇଟର ୧୮.୧ଓଭରରେ ୧୯୨ରନ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ସଂଗ୍ରହ କରି ବିଜୟୀ ହୋଇଥିଲା। ଏଥିରେ ପୃଥ୍ୱୀରାଜ ଦାଶ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ପିଏସକେ ୱାରିୟର ଏବଂ ଟାଇଟଲ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ଟାଇଟଲ ଷ୍ଟାର ବ୍ୟାଟିଂ କରି ୧୮ ଓଭରରେ ୧୩୩ ରନ ସଂଗ୍ରହ କରିଥିଲା। ଜବାବରେ ପିଏସକେ ୱାରିୟର ୧୧.୪ ଓଭରରେ ବିଜୟୀ ହୋଇଥିଲା। ସୌମେନ୍ଦ୍ର ରାଉତରାୟ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସୌମ୍ୟ ଶୁଭମ ପଟ୍ଟନାୟକ, ପୁରୁଷୋତ୍ତମ ଦଳବେହେରା, ସଞ୍ଜୀବ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ।

### ଲିଙ୍ଗରାଜଙ୍କ ପୂଜା କାର୍ଯ୍ୟରେ ଲାଗୁଛି ଏକ୍ସପାଏରି ଘିଅ

**ପୁରୁଣା ଭୁବନେଶ୍ୱର, ୩୧।୧(ଡି.ଏନ୍.ଏ.)**

ଲିଙ୍ଗରାଜଙ୍କ ପୂଜା କାର୍ଯ୍ୟରେ ସୋମବାର ଏକ୍ସପାଏରି ଘିଅ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏନେଇ ସେବାୟତଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ସୂଚନାଥାଉ କି, ଲିଙ୍ଗରାଜଙ୍କ ବାରମାସରେ ତେର ଯାତ୍ରା। ବିଭିନ୍ନ ପର୍ବପର୍ବାଣିରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇଦେବା ଲାଗି ସାମନ୍ତରାୟ, ବିଶୋଇଙ୍କ ଭଳି ସେବାୟତ ନିୟୋଜିତ ଅଛନ୍ତି। ସାମଗ୍ରୀ ମଧ୍ୟରେ ଘିଅ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହାପ୍ରଭୁଙ୍କ ବିଭିନ୍ନ ପିଠା, ସରପୁଲିରେ ଏହି ଘିଅ ବ୍ୟବହାର ହେଉଥିବାବେଳେ ଆଳତି ମଧ କରାଯାଇଥାଏ। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଅଧିକାରୀଙ୍କ ଅବ !'ହେଳା ଯୋଗୁ ଠାକୁରଙ୍କ ପୂଜା କାର୍ଯ୍ୟରେ ଏକ୍ସପାଏରି ଘିଅ ବ୍ୟବହାର ହେଉଛି। ଯାହାକୁ ନେଇ ସେବାୟତ ଓ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ଟ୍ରଷ୍ଟବୋର୍ଡ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

### କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ

**ଜଟଣୀ,୩୧।୧(ଡି.ଏନ୍.ଏ.)**

ରାଜ୍ୟରେ ବିଭିନ୍ନ ସମୟରେ ଖବରଦାତାଙ୍କ ଉପରେ ଆକ୍ରମଣ ହେଉଥିବା ନଜିର ରହିଛି। ରବିବାର ଖୋର୍ଦ୍ଧା ଜିଲା ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ମୋର ସୁପରମାର୍କେଟ (ଶପିଂ

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

ମଲ)ରେ କୋଭିଡ୍ ଉଲ୍ଲଂଘନ ନେଇ ଖବର ସଂଗ୍ରହ କରିବାକୁ ଯାଇଥିବା 'ଧରିତ୍ରୀ' ଖବରଦାତା ରବୀନ୍ଦ୍ର ନାଥ ମହାଙ୍କୁଡଙ୍କୁ ମଲ କର୍ମଚାରୀ ଓ କେତେଜଣ ବାଉନ୍ସର ରବିବାର ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏନେଇ ବିଭିନ୍ନ ମହଲରେ ଅବସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ମଲ୍ କର୍ତ୍ତୃପକ୍ଷଙ୍କ ଓ ବାଉନ୍ସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ସାମ୍ବାଦିକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

#### ଏମାନେ କ'ଣ କୁହନ୍ତି...

“ ଖବରଦାତାଙ୍କ ଉପରେ ଆକ୍ରମଣ ନିନ୍ଦନୀୟ ଘଟଣା। ରାଜ୍ୟରେ ଖବରଦାତା ସୁରକ୍ଷିତ ନ ଥିବା ମନେହେଉଛି। ଖବରଦାତାଙ୍କୁ ସୁରକ୍ଷା ଦେବା ନିମନ୍ତେ ପ୍ରଶାସନ ପଦକ୍ଷେପ ନେବା ସହ ଆଇନ ଆସିବା ଆବଶ୍ୟକ।

**-ସୁଶୀଲ ମହାନ୍ତି, ଜଟଣୀ ସାମ୍ବାଦିକ ସଂଘ ସଭାପତି**

“ କର୍ତ୍ତବ୍ୟରତ ଗଣମାଧମ ପ୍ରତିନିଧିଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ସରକାର କିମ୍ବା ପ୍ରଶାସନ ଖବରଦାତାଙ୍କ ସୁରକ୍ଷା ଏବଂ ସମ୍ମାନ ରକ୍ଷା ଦିଗରେ ପାତରଅନ୍ତର ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ଦୃଢ଼ ଜବାବ ଦିଆଯିବ।

**- ପ୍ରକାଶ ହାତୀ, ଓୟୁଜେ ସଭାପତି, ଖୋର୍ଦ୍ଧା**

“ ଖବରଦାତାଙ୍କୁ ଆକ୍ରମଣ ଅତି ନିନ୍ଦନୀୟ। ଖବରଦାତାଙ୍କ ସୁରକ୍ଷା ଲାଗି ସରକାର ତୁରନ୍ତ ଆଇନ ଆଣିବା ଆବଶ୍ୟକ। ଆକ୍ରମଣକାରୀ ଓ ସମ୍ପୃକ୍ତ ମଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଦୃଢ଼ ପଦକ୍ଷେପ ନିଆଯିବ।

**- ପ୍ରଭାତ ମିଶ୍ର, ଉତ୍କଳ ସାମ୍ବାଦିକ ସଂଘ,ସଭାପତି**

“ ସମାଜର ଜାଗ୍ରତ ପ୍ରହରି କୁହାଯାଉଥିବା ଖବରଦାତା ସତ୍ୟର ଉନ୍ମୋଚନ କରିବାକୁ ଯାଇ ବାଉନ୍ସରଙ୍କ ଆକ୍ରମଣର ଶିକାର ହେଉଛନ୍ତି। ବାରମ୍ବାର ରାଜ୍ୟରେ ଏଭଳି ଘଟଣା ଘଟୁଥିଲେ ମଧ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଖବରଦାତାଙ୍କୁ ଆକ୍ରମଣର ଘୋର ନିନ୍ଦା କରୁଛି।

**- ହେମନ୍ତ ସୁନ୍ଦରାୟ, ଜଟଣୀ ପ୍ରେସ୍ କ୍ଲବ ଉପଦେଷ୍ଟା**

“ ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରୁଛି। ଆକ୍ରମଣକାରୀ ଓ ସମ୍ପୃକ୍ତ ଶପିଂ ମଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବ।

**- ଲୋହିତ ନାରାୟଣ ମହାପାତ୍ର, ଓୟୁଜେ କାର୍ଯ୍ୟକାରୀ ସଭାପତି**

“ ଖବରଦାତାଙ୍କ କଣ୍ଠରୋଧ, ଆକ୍ରମଣ ଓ ବାଉନ୍ସର ଲଗାଇ ଗାଳିଗୁଲଜ ଓ ମାଡ଼ମାରିବା ଘଟଣାକୁ ଘୋର ବିରୋଧ କରୁଛି। ଏହା ସୁସ୍ଥ ଶାସନର ଲକ୍ଷଣ ନୁହେଁ। ସରକାର ଏଭଳି ଘଟଣା ରୋକିବା ନିମନ୍ତେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

**- ଲୁସେନ କୁମାର ରାଏ, ପୂର୍ବତନ କାଉନ୍‌ସିଲର**

### କମାଗୁରୁ ପଞ୍ଚାୟତରେ ୭୦ଲକ୍ଷ ଟଙ୍କାର ଦୁର୍ନୀତି

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୩୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତରେ ବିଭିନ୍ନ ଯୋଜନାରେ ୭୦ଲକ୍ଷ ଟଙ୍କା ଦୁର୍ନୀତି ହୋଇଛି। ସୋମବାର ମଳିପଡାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହାର ପର୍ଦାଫାଶ କରିଛି ଭାଜପା। ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଆସିଥିବା ଲକ୍ଷାଧିକ ଟଙ୍କା ମଧୁଚନ୍ଦ୍ରିକାରେ ମିଳିମିଶି ଚଳୁ କରିଛନ୍ତି। ମିଥ୍ୟା ବିଲ୍ ପ୍ରସ୍ତୁତ କରି ଟଙ୍କା ହରିଲୁଟ କରାଯାଇଛି। ଏନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଭାଜପା ଅଭିଯୋଗ କରିଛି। ସୂଚନା ଆଇନ ବଳରେ ମିଳିଥିବା ତଥ୍ୟ ପ୍ରକାରେ, କଲ୍ୟାଣମଣ୍ଡପ ନିର୍ମାଣ ନାମରେ ୧୦ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ପଞ୍ଚାୟତ ନିମନ୍ତେ ୨ହଜାର ଟଙ୍କା ହିସାବରେ ୮୦ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲା। ଏନେଇ ୧ଲକ୍ଷ ୬୦ହଜାର



ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ସୂଚନା ଦିଆଯାଉଛି।

ଖର୍ଚ୍ଚ ହୋଇଥିବା ବେଳେ ମରାମତି ବାବଦ ଖର୍ଚ୍ଚ ୩ଲକ୍ଷ ଟଙ୍କା ଦର୍ଶାଯାଇଛି। ସେହିପରି ସ୍ଥାନୀୟ ୧୨ଏକର ପରିମିତ ହାଇସ୍କୁଲ ପଡିଆକୁ କାଗଜ କଲମରେ ୨୫ଏକର ଦର୍ଶାଯାଇ ଗଛ ଲଗାଇବା ନାଁରେ ୧୮ଲକ୍ଷ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। ଅନୁରୂପ ଭାବେ ସ୍ଥାନୀୟ ପୋଡାବୋଧି ପୋଖରୀଠାରେ ୯୫୨ ଚାରା ରୋପଣ କରାଯାଇଥିବା ଦର୍ଶାଇଥିବା ବେଳେ ୨୫ଟି ଗଛ ଲଗାଯାଇ ୮ଲକ୍ଷ ୬୫ହଜାର ଟଙ୍କା ଆତ୍ମସାତ କରାଯାଇଛି। ଅରିସଲ ଗ୍ରାମର ରାଧା ବେୱା ଓ ଦୁର୍ଗାଚରଣ ରଣସିଂଙ୍କ ନାଁରେ ଆବାସ ଯୋଜନାରେ ଆସିଥିବା ଅର୍ଥ ଆତ୍ମସାତ କରାଯାଇଛି। ଉଭୟ ପରିବାର ଭଙ୍ଗାଘରେ ଜୀବନ ବିତାଉଛନ୍ତି। ୨୧୧୯-୨୦ରେ ପଞ୍ଚାୟତର କେନ୍ଦ୍ର ଓ ରାଜ୍ୟ ୧୪ ଅର୍ଥ କମିଶନ ଯୋଜନାରେ ୨୯ଲକ୍ଷ ୩୫ହଜାର ୫୨୪ଟଙ୍କା ଓ ଚତୁର୍ଥ ଅର୍ଥ କମିଶନ୍ ଯୋଜନାରେ ୪ଲକ୍ଷ ୯୫ହଜାର

**ଉଚ୍ଚସ୍ତରୀୟ ତଦନ୍ତ ଦାବି**

୨୬୬ ଟଙ୍କା ମୋଟ୍ ୩୩ଲକ୍ଷ ୯୦ହଜାର ୭୯୦ଟଙ୍କା ଆସିଛି। କିନ୍ତୁ ୨୫ଲକ୍ଷ ୨୨ହଜାର୭୯୦ଟଙ୍କା ଦର୍ଶାଯାଇ ବଳକା ଅର୍ଥକୁ ମିଳିମିଶି ହରିଲୁଟ କରାଯାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ମଣ୍ଡଳ ସଭାପତି ବିପିନ ପାଲଟାସିଂହ, କମାଗୁରୁ ପଞ୍ଚାୟତର ଭାଜପା ଯୁବମୋର୍ଚ୍ଚା ସଭାପତି ଗଙ୍ଗାଧର ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁର୍ନୀତିର ଏକ ଉଚ୍ଚସ୍ତରୀୟ ତଦନ୍ତ ଲାଗି ଖଣ୍ଡାୟତରାୟ ଦାବି କରିଛନ୍ତି। ଏନେଇ ଭାଜପା କୃଷକ ନେତା ମଙ୍ଗରାଜ କୁହନ୍ତି, ଏହି ପଞ୍ଚାୟତରେ ବିଭିନ୍ନ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଅଭିଯୋଗ ସତ୍ତ୍ୱେ କେହି ଶୁଣୁନାହାନ୍ତି। ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ହେବ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଫେବୃୟାରୀ, ୨୦୨୨

## ବଟି ମାଗି ଜଣେ ଗିରଫ

ପୁରୀ ଅଫିସ: ଦାଦାବଟି ଆଦାୟ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ରାୟବାହାଦୂର ଲେନ ଗୋପବନ୍ଧୁ କଲୋନୀର ହାଡ଼ିବନ୍ଧୁ ନାୟକ ଓରଫ ହାଡ଼ିଆଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ପକ୍ଷରୁ କେସ୍ ନଂ. ୨୨/୨୨ରୁଜୁ ହୋଇଛି। ସୂଚନା ଅନୁଯାୟୀ, ହାଡ଼ିଆ ଜଟିଆ ବାବାଜୀ ଛକ ନିକଟରେ ଦୋକାନୀମାନଙ୍କ ଠାରୁ ବଟି ଆଦାୟ କରୁଥିବା ଖବର ପାଇ ପୋଲିସ ଚଢାଉ କରି ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲା। ତେବେ ସେଠାରୁ ସେ ଖସିଯିବାକୁ ଚେଷ୍ଟା କରିବା ସହ ପୋଲିସ ଟିମ୍‌କୁ ଗାଳିଗୁଲଜ କରିଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ୩୦ରୁ ଅଧିକ ବିଭିନ୍ନ ଆପରାଧିକ ମାମଲା ରହିଥିବା ପୋଲିସ କହିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୧।୨୦୨୨

| | |
|---|---|
| ୮,୨୯୨ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ନିଶା କାରବାର: ୨ ଗିରଫ

ପୁରୀ ଅଫିସ, ୩୧।୧: ବେଆଇନ ଭାବେ କଫ୍‌ସିରଫ ବିକ୍ରି ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ମଧୁବନ ଚତୁର୍ଥ ଲେନ୍‌ର ଅଭିଜିତ ରାଏ ଓରଫ ଗୁଲୁରୀ। ପୋଲିସ ତାଙ୍କ ନିକଟରୁ ୧୫ଟି କଫ୍‌ସିରଫ ବୋତଲ ଜବତ କରିଛି। ଏନେଇ କେସ ନଂ. ୧୮/୨୨ ରୁଜୁ ହୋଇଛି। ସେହିପରି ବେଆଇନ ଭାବେ ବଟାଭାଙ୍ଗ ବିକ୍ରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ପେଣ୍ଟକଟା ଭୂଦାନ ନଗରର ଉମାକାନ୍ତ ସାହୁ ଓରଫ ବୁଲାଙ୍କୁ ଗିରଫ କରିଛି। ପୋଲିସ ଅଭିଯୁକ୍ତ ନିକଟରୁ ୨୦ ଲିଟର ବଟା ଭାଙ୍ଗ ଜବତ କରିଛି । ଏ ନେଇ କେସ୍ ନଂ. ୨୧/୨୨ ରୁଜୁ ହୋଇଛି।

### ନିଃଶୁଳ୍କ ଚକ୍ଷୁ, ମଧୁମେହ ଚିକିତ୍ସା ଶିବିର

ପୁରୀ ଅଫିସ, ୩୧।୧: ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସ୍‌ଜି ନେତ୍ର ଚିକିତ୍ସାଳୟ ଭୁବନେଶ୍ୱର ସହଯୋଗରେ ସୋମବାର ଚକ୍ଷୁ ଓ ମଧୁମେହ ରୋଗର ପରୀକ୍ଷା ସହ ପରାମର୍ଶ ଶିବିର ଶ୍ରୀମନ୍ଦିର ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଚକ୍ଷୁ ଓ ମଧୁମେହ ରୋଗ ପରୀକ୍ଷା ଏବଂ ପରାମର୍ଶ ପାଇଁ ୧୨୨ଜଣ ସେବାୟତ ଏବଂ କର୍ମଚାରୀ ନାମ ପଞ୍ଜୀକରଣ କରିଥିଲେ ମଧ ସୋମବାର ୧୪୮ ଜଣ ସେମାନଙ୍କ ରୋଗ ପରୀକ୍ଷା କରାଇଥିଲେ। ଶିବିରକୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଶିବିର ପରିଦର୍ଶନ କରିଥିଲେ। ସେହିପରି ସୋମବାର ୨୮ଜଣ ଶ୍ରୀମନ୍ଦିର ସେବାୟତଙ୍କୁ ବୁଷ୍ଟରଡୋଜ ଦିଆଯାଇଛି। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରୀ ଭକ୍ତ ନିବାସରେ ଏହି ଶିବିର ହୋଇଥିଲା।

### ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପରଲୋକ

ପୁରୀ ଅଫିସ, ୩୧।୧: ଶିକ୍ଷାବିତ୍, ଉଦ୍‌ଘୋଷକ, ଗବେଷକ ଏବଂ ସଙ୍ଗଠକ କୃଷ୍ଣଚନ୍ଦ୍ର ମହାପାତ୍ର (୭୫)ଙ୍କର ରବିବାର ରାତି ପ୍ରାୟ ୩ଟାରେ ଲୋକନାଥ ରୋଡସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସହଧର୍ମିଣୀ କିରଣବାଳା ମହାପାତ୍ରଙ୍କ ସମେତ ପରିବାରବର୍ଗ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିଲେ। ସେ ଚାଖି ଖୁଣ୍ଟିଆ ସ୍ମୃତି ପରିଷଦ, ହରଚଣ୍ଡୀ ସାହି ସରସ୍ୱତୀ ବିଦ୍ୟାମନ୍ଦିର, ଶ୍ରୀକ୍ଷେତ୍ର ମହୋତ୍ସବ କମିଟି, ଅଭିନନ୍ଦନିକା, ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ ମେମୋରିଆଲ ଟ୍ରଷ୍ଟ ଆଦି ଅନେକ ଅନୁଷ୍ଠାନର ମାର୍ଗଦର୍ଶକ ଥିଲେ। ତାଙ୍କ ପ୍ରତିଭା ଲାଗି ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପୁତ୍ର ଦିଲ୍ଲୀପ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ।

### ଗୌଡ଼ବାଡ଼ି ସାହି ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ

ପୁରୀ ଅଫିସ, ୩୧।୧: ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ପକ୍ଷରୁ ଗୌରବାଡ଼ ସାହି ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିସହ ନିକଟବର୍ତ୍ତୀ ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ଦୋକାନୀଙ୍କୁ ଡଷ୍ଟବିନ୍, ଝାଡୁ ମାସ୍କ୍ ସାନିଟାଇଜର୍ ଆଦି ବଣ୍ଟନ କରାଯାଇଥିଲା। ଏଥିରେ ପୁରୀ ଜିଲା ଶିଶୁ କଲ୍ୟାଣ କମିଟିର ପୂର୍ବତନ ଅଧକ୍ଷ ତଥା ଦି ବେଲ୍‌ର ଆବାହକ ସିଦ୍ଧାର୍ଥ ରାୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିଶୁ ସମାଚାର ସୁକାନ୍ତ ପଣ୍ଡା, ସାଇ ଉଦୟ ଲକ୍ଷ୍ମୀ ଟ୍ରଷ୍ଟର ରାଜକିଶୋର ପାତ୍ର, ସତ୍ୟନାରାୟଣ ସାହୁ, ସଂକଳ୍ପ ଟ୍ରଷ୍ଟର ସୁଚରିତା ପାଢ଼ୀ, ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ବ୍ରଜକିଶୋର ସାହୁ, ଦି ମିରର୍‌ର ସଞ୍ଜୟ ପ୍ରଧାନ ଏବଂ କଳିଙ୍ଗ ସର୍ଫେସ ଲାଇଫ ସେଭିଂ ସୋସାଇଟିର ହ୍ୟାରୀ ରାଓ ପ୍ରମୁଖ ପରିଚାଳନା କରିଥିଲେ।

# ମଉଳିଲା ଆଶାୟୀଙ୍କ ଆଶା

**ପୁରୀ ପୌର ଅଧକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ**

ପୁରୀ ଅଫିସ,୩୧।୧:

ପୌର ନିର୍ବାଚନ ପାଇଁ ଅଧକ୍ଷ ପଦ ଚୂଡ଼ାନ୍ତ ସଂରକ୍ଷିତ ତାଲିକା ସୋମବାର ପ୍ରକାଶ ପାଇଛି। ପୁରୀ ଜିଲାରେ ଗୋଟିଏ ପୌରାଞ୍ଚଳ ଓ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଥିବାବେଳେ ତନ୍ମଧ୍ୟରୁ ୩ଟି ଆସନର ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ପୁରୀ ପୌରାଞ୍ଚଳ ଅଧକ୍ଷ ପଦ ମହିଳା, ନିମାପଡ଼ା ଏନ୍‌ଏସି ଅଧକ୍ଷ ପଦ ମହିଳା, କୋଣାର୍କ ଏନ୍‌ଏସି ଅଧକ୍ଷ ପଦ ମହିଳା ଏବଂ ପିପିଲି ଏନ୍‌ଏସି ଅଧକ୍ଷ ପଦ ଅଣସଂରକ୍ଷିତ ରହିଛି। ହାଉସିଂ ଓ ଅର୍ବାନ ଡେଭଲପମେଣ୍ଟ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀ ପୌରସଂସ୍ଥାର ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ହେବା ପରେ ପୁରୀ ପୌରାଞ୍ଚଳରେ ରାଜନୈତିକ ପାଣିପାଗ ଉଷ୍ମ ହୋଇପଡ଼ିଛି। ବିଜେଡି, ଭାଜପା ଓ କଂଗ୍ରେସର ନାରୀନେତ୍ରୀମାନଙ୍କ ମଧ୍ୟରେ ଅଧକ୍ଷ ପଦ ପାଇଁ ଉତ୍ସାହ ଦେଖିବାକୁ ମିଳିଛି। ସେହିଭଳି ଅଣସଂରକ୍ଷିତ ଆସନକୁ ଅପେକ୍ଷା କରିଥିବା ନେତାମାନଙ୍କୁ ନିରାଶ ହେବାକୁ ପଡ଼ିଛି। ରାଜନୈତିକ ଦଳଗୁଡ଼ିକ ମହିଳା ନେତ୍ରୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ବିକଳ୍ପ ବାଛିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ବେଳେ ବିଭିନ୍ନ ୱାର୍ଡରେ ନୂଆ ଚେହେରାଙ୍କୁ ସୁଯୋଗ ମିଳିବାର ଆଶା ଉଜ୍ଜୀବିତ ହୋଇଛି। ପୁରୀ ପୌରାଞ୍ଚଳର ପୂର୍ବତନ ଅଧକ୍ଷା ତଥା ପୁରୀ ଜିଲା ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ପ୍ରଧାନଙ୍କୁ ବିଜେଡି ପୁଣି ଥରେ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ଚାଲିଛି। ଏସମ୍ପର୍କରେ ଶାନ୍ତିଲତା କହିଛନ୍ତି, ପୂର୍ବରୁ ଅଧକ୍ଷା ଭାବେ କାର୍ଯ୍ୟ କରିସାରିଛି। ମୁଖ୍ୟମନ୍ତ୍ରୀ ନାରୀ ସଶକ୍ତିକରଣକୁ ପ୍ରାଥମିକତା ଦେଇ ଅଧକ୍ଷା ପଦକୁ ମହିଳାଙ୍କ ପାଇଁ ସଂରକ୍ଷିତ ରଖିଛନ୍ତି। ଏଣୁ ପୌରସଂସ୍ଥା ଅଧକ୍ଷା ଭାବେ ଦାୟିତ୍ୱ ନେବା ଓ ଦାବିଦାରୀ ଉପସ୍ଥାପନ କରିବାରେ ମୋର କୌଣସି ସଙ୍କୋଚ ନାହିଁ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ମଧ ଅନେକ ଆଶାୟୀ ମୁଣ୍ଡ ଟେକିଲେଣି। ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର କହିଛନ୍ତି, ଜିଲାରେ ସଙ୍ଗଠନ ସୁଦୃଢ଼ ରହିଛି। ଆସନ୍ତା ପୌର ନିର୍ବାଚନରେ ଦଳ ମୋ ଉପରେ ଆସ୍ଥା ପ୍ରକଟ କଲେ ନିଶ୍ଚିତ ପ୍ରାର୍ଥୀ ହେବି। ଅନ୍ୟପକ୍ଷରେ ଅଣସଂରକ୍ଷିତ ଆସନକୁ ଚାହିଁ ରହିଥିବା ଅନେକ ପ୍ରାର୍ଥୀଙ୍କୁ ନିରାଶ ହେବାକୁ ପଡ଼ିଛି। କଂଗ୍ରେସର ବରିଷ୍ଠ ନେତା ବିନାୟକ ଦାସମହାପାତ୍ର ପୁରୀ ପୌରସଂସ୍ଥା ଆସନର ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ହେବା ନିଷ୍ପତ୍ତିକୁ ଗ୍ରହଣ କରିପାରିନାହାନ୍ତି। ସେ କହିଛନ୍ତି, ପୁରୀ ପର୍ଯ୍ୟଟନ, ଧାର୍ମିକ ଓ ବିକାଶ ଦୃଷ୍ଟିରୁ ରାଜ୍ୟର ଏକ ପ୍ରମୁଖ ସହର। ଏଣୁ ଏହାର ପୌରାଞ୍ଚଳକୁ ସବୁବର୍ଗ ପାଇଁ ଖୋଲା ରଖିବା ଉଚିତ୍। ଅଣସଂରକ୍ଷିତ ରହିଲେ ସବୁ ବର୍ଗର ପ୍ରାର୍ଥୀଙ୍କୁ ସୁଯୋଗ ମିଳିପାରିବ। ସେହିଭଳି ପୁରୀ ସାଂସଦ ପିନାକୀ ମିଶ୍ରଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ କହିଛନ୍ତି, ପ୍ରାର୍ଥିତ୍ୱ ପାଇଁ ଅନେକ ଆଶା ଥିଲା। ୧୯୯୨ ମସିହାରୁ କ୍ରମାଗତ ଭାବେ ତିନି ଥର କାଉନସିଲର ହୋଇସାରିଛି। ଏହି ଆସନ ଅଣସଂରକ୍ଷିତ ନ ହେବା ଦୁର୍ଭାଗ୍ୟଜନକ।

## ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୩ ହଜାର ଦୟଣା ଗଛ ଦାନ



ପୁରୀ ଅଫିସ, ୩୧।୧:

ଭୁବନେଶ୍ୱରର ବିଶ୍ୱାସ ରଏ ନାମକ ଭକ୍ତ ସୋମବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରକୁ ୩ହଜାର ଦୟଣା ଗଛ ଦାନ କରିଛନ୍ତି। ଆନ୍ଧ୍ରପ୍ରଦେଶ କାକିନାଡ଼ାରୁ ନିଜସ୍ୱ ଖର୍ଚ୍ଚରେ ଉକ୍ତ ଗଛଗୁଡିକ ମଗାଇ ସେ ଦାନ କରିଛନ୍ତି। ଏହି ଦୟଣା ଗଛଗୁଡ଼ିକୁ ଶ୍ରୀମନ୍ଦିର ଭକ୍ତ ନିବାସର ସହକାରୀ ମ୍ୟାନେଜର ଅରୁଣ ପାଣିଗ୍ରାହୀଙ୍କୁ ସେ ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ନୀଳାଚଳ ଉପବନ, କୋଇଲି ବୈକୁଣ୍ଠ ଉପବନ, ଜେଲ ରୋଡ଼ ବଗିଚା, ମାଟି ତୋଟା ବଗିଚା ଏବଂ ହରିଶଙ୍କର ବଗିଚାରେ ଗଛଗୁଡ଼ିକ ଲଗାଯିବାର ବନ୍ଦୋବସ୍ତ କରାଯାଇଛି। ସେହିପରି ୧୫ ଦିନ ତଳେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୁଦ୍ରକୂଳ ରୁଦ୍ରଭାବନ, ପୁରୀର ଭକ୍ତି ସ୍ୱରୂପ ସୋମନ ମହାରାଜ ୧୫୦ଟି ଦୟଣା ଗଛ ଦାନ ଦେଇଥିଲେ।



ପୁରୀ କଚେରି ଛକ ନିକଟରେ ସୋମବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## 'ପ୍ରତିଶ୍ରୁତି ପୂରଣ କରିନାହାନ୍ତି କେନ୍ଦ୍ର ସରକାର'

**ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିଶ୍ୱାସ ଘାତକ ଦିବସ**

ପୁରୀ ଅଫିସ, ୩୧।୧:

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସୋମବାର ବିଶ୍ୱାସ ଘାତକ ଦିବସ ପାଳନ ପରିପ୍ରେକ୍ଷୀରେ ପୁରୀ କଚେରି ଛକ ନିକଟରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା କର୍ମକର୍ତ୍ତା କହିଛନ୍ତି, ଐତିହାସିକ କୃଷକ ଆନ୍ଦୋଳନ ଚାପରେ କୃଷକ ବିରୋଧୀ ୩ କୃଷି ଆଇନ ବାତିଲ କରିବା ପାଇଁ କେନ୍ଦ୍ର ସରକାର ବାଧ୍ୟ ହୋଇଥିଲେ। ଏଥିସହ କୃଷକଙ୍କ ଅନ୍ୟାନ୍ୟ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇ ଡିସେମ୍ବର ୯ରେ ସଂଯୁକ୍ତ କିଷାନ ମୋର୍ଚ୍ଚାକୁ ଚିଠି ଦେବା ପରେ ଡିସେମ୍ବର ୧୧ରେ କୃଷକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଘୋଷିତ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଇ ନାହିଁ। କେନ୍ଦ୍ର ସରକାର ଏହି ପ୍ରତିଶ୍ରୁତି ଖିଲାପ କରି ବିଶ୍ୱାସ ଘାତକତା କରିଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା, ଶହୀଦ କୃଷକ ପରିବାରଙ୍କୁ ଆର୍ଥିକ ସହାୟତା, କୃଷକଙ୍କ ବିରୋଧରେ ହୋଇଥିବା ସମସ୍ତ ମୋକଦ୍ଦମା ପ୍ରତ୍ୟାହାର କରିବା, ଖେରୀ କୃଷକ ଗଣହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ, ଜନ ବିରୋଧୀ ବିଦ୍ୟୁତ ବିଲ୍-୨୦୨୦କୁ ପ୍ରତ୍ୟାହାର ପାଇଁ ପୁନର୍ବାର ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ପୁଣି ତୀବ୍ର କରାଯିବ ବୋଲି କୁହାଯାଇଛି। ଏହି ବିକ୍ଷୋଭରେ ଜଗନ୍ନାଥ ଦେଓ, ଶରତ କୁମାର ରାୟଗୁରୁ, ପ୍ରଦୀପ୍ତ ମହାନ୍ତି, ମୋହନ ନାଇଡୁ, ପ୍ରତାପ ଚିନାରା, ମନୋରଞ୍ଜନ ମହାରଣା, ହରି ସେନାପତି, ଟୁନା ନାୟକ, ଭାସ୍କର ମହାପାତ୍ର, ସସ୍ମିତା ବେହେରା, ରବି ମୁଦୁଲି ଏବଂ ବିଭୂତି ରାଉତରାୟଙ୍କ ସମେତ ବହୁ କୃଷକ, ଶ୍ରମିକ, ଛାତ୍ରନେତା ଅଂଶ ଗ୍ରହଣ କରିଥିଲେ।

## ଶ୍ୱଶୁରଙ୍କ ସ୍ୱପ୍ନ ସାକାର କରିବାକୁ ମଇଦାନରେ ସୁଶ୍ରୀସ୍ମିତା

କାକଟପୁର,୩୧।୧

କାକଟପୁର ବ୍ଲକ ଅଧୀନ କଣ୍ଟାପଡ଼ା ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ିବା ଲକ୍ଷ୍ୟ ରଖି ନିର୍ବାଚନ ମଇଦାନକୁ ଜଣେ ଉଚ୍ଚଶିକ୍ଷିତା ତଥା ସାମାଜିକ କର୍ମୀ ମହିଳା ପ୍ରାର୍ଥୀ ଓହ୍ଲାଇଛନ୍ତି। ଏମ୍‌ସିଏରେ କ୍ୟାରିୟର ଆରମ୍ଭ କରି ସ୍ଥାନୀୟ ମଙ୍ଗଳା ମହାବିଦ୍ୟାଳୟରେ ନିଜ ଚାକିରିକୁ ତୁଚ୍ଛ କରି କଣ୍ଟାପଡା ପଞ୍ଚାୟତର ସର୍ବାଙ୍ଗିନ ଉନ୍ନତି ପାଇଁ ସଂକଳ୍ପ ନେଇ ସରପଞ୍ଚ ପ୍ରାର୍ଥୀ ସୁଶ୍ରୀସ୍ମିତା ଦୀକ୍ଷିତ ଆଗେଇ ଆସିଛନ୍ତି। ପୂର୍ବତନ ସରପଞ୍ଚ ମୁରଲୀଧର ଦାଶଙ୍କ ବୋହୂ ସୁଶ୍ରୀସ୍ମିତା ଶ୍ୱଶୁରଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ରାଜନୀତିରେ ପାଦ ଦେଇଥିବା ପ୍ରତିକ୍ରିୟା ରଖିଛନ୍ତି। ଏଥିପାଇଁ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ପଞ୍ଚାୟତର ହରିଜନ ଓ ଦିନମଜୁରିଆ ଶ୍ରେଣୀର ଜନସାଧାରଣଙ୍କ ନିକଟରେ ସରକାରଙ୍କ ଯୋଜନାକୁ ସଫଳ ରୂପାୟନ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

## ନିଷିଦ୍ଧାଞ୍ଚଳରୁ ୪ ଟ୍ରଲର ଜବତ, ୩୨ କର୍ମଚାରୀ ଅଟକ

ଅସ୍ତରଙ୍ଗ,୩୧।୧(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ସମୁଦ୍ରର ନିଷିଦ୍ଧାଞ୍ଚଳରେ ରବିବାର ବିଳମ୍ବିତ ରାତ୍ରିରେ ସାମୁଦ୍ରିକ ମତ୍ସ୍ୟ ବିଭାଗ ଡେପୁଟି ଡାଇରେକ୍ଟର ବସନ୍ତ ଦାଶଙ୍କ ନେତୃତ୍ୱରେ ବନ ବିଭାଗ ଓ କୋଷ୍ଟଗାର୍ଡ ଯବାନଙ୍କ ମିଳିତ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବେଆଇନ ଭାବେ ମାଛ ମାରୁଥିବା ପାରାଦୀପ ଅଞ୍ଚଳର ୩ଟି ଓ ବାଲେଶ୍ୱର ଅଞ୍ଚଳର ୧ଟି ଟ୍ରଲର ଜବତ କରାଯିବା ସହ ୩୨ଜଣ ଟ୍ରଲର କର୍ମଚାରୀଙ୍କୁ ଅଟକ ରଖାଯାଇଛି। ସୂଚନାଯୋଗ୍ୟ, ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ପୁରୀ ଜିଲା ଉପକୂଳ ଅଞ୍ଚଳରେ ସମୁଦ୍ର କୂଳରୁ ୫ କିଲୋମିଟର ଓ ଦେବୀ ମୁହାଣର ୧୦ କିଲୋମିଟର ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗାରେ ମାଛ ମାରିବା ଉପରେ କଟକଣା ଜାରି କରାଯାଇଛି। ହେଲେ ଅଧିକାଂଶ ସମୟରେ ଅନ୍ୟ ଅଞ୍ଚଳର ଟ୍ରଲରଗୁଡ଼ିକ ମାଛ ମାରିବା ପାଇଁ ବେଆଇନ ଭାବେ ନିଷିଦ୍ଧାଞ୍ଚଳକୁ ଆସୁଛନ୍ତି। ରବିବାର ସେଭଳି ୨୦ଟ୍ରଲର ମାଛ ନେବା ପାଇଁ ଏହି ନିଷିଦ୍ଧାଞ୍ଚଳକୁ ଆସିଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ମତ୍ସ୍ୟ ବିଭାଗର ଟିମ୍ ସେଠାରେ ଚଢ଼ାଉ କରି ୪ଟି ଟ୍ରଲରକୁ ଜବତ କରିଥିବା ବେଳେ ଅନ୍ୟମାନେ ଖସିଯାଇଥିଲେ। ଜବତ ଟ୍ରଲରଗୁଡ଼ିକୁ ସମୁଦ୍ରରୁ ଅସ୍ତରଙ୍ଗ ନୂଆଗଡ଼ ଜେଟିକୁ ଅଣାଯିବା ପରେ କାଗଜପତ୍ର ଯାଞ୍ଚ କରାଯାଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଟ୍ରଲର, ଅଟକ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ହୋଇ ନ ଥିବାବେଳେ ସର୍ବସାଧାରଣରେ ମାଛକୁ ନିଲାମ କରାଯାଇ ନ ଥିଲା। ସୂଚନାଯୋଗ୍ୟ, ଗତ ୧ ମାସ ପୂର୍ବେ ନିଷିଦ୍ଧାଞ୍ଚଳରୁ ମାଛ ମାରୁଥିବା ୨ଟି ବୋଟ୍‌କୁ ବନ ବିଭାଗ ସମୁଦ୍ର ମଧ୍ୟରେ ଜବତ କରି କୂଳକୁ ଆଣୁଥିବା ବେଳେ ଅଧା ସମୁଦ୍ରରୁ ଗାର୍ଡ ଓ ମତ୍ସ୍ୟ ଅଧିକାରୀଙ୍କୁ ଚକମା ଦେଇ ଖସି ପଳାଇଥିଲେ। ତେବେ ଅଧିକାଂଶ ସମୟରେ ଜବତ ହେଉଥିବା ଟ୍ରଲରଗୁଡିକରେ ଲକ୍ଷାଧିକ ଟଙ୍କାର ବିଭିନ୍ନ କିସମର ଦାମୀ ମାଛ ଆଉ ଟାଇଗର ଚିଙ୍ଗୁଡି ରହିଥାଏ। ହେଲେ ମତ୍ସ୍ୟ ଅଧିକାରୀ ଓ ଟ୍ରଲର ମାଫିଆଙ୍କ ମଧ୍ୟରେ କଥା ହୋଇ ସେସବୁକୁ କମ୍ ନିଲାମ ଦେଖାଇ ଦାମୀ ମାଛ ସବୁ ଚୋରାରେ ବିକ୍ରିକରି ଲକ୍ଷାଧିକ ଟଙ୍କାକୁ ଭାଗବଣ୍ଟା ହେଉଥିବା ନେଇ ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି।

## ପଶ୍ଚିମ ପାର୍ଶ୍ୱରେ ଭଜନମଣ୍ଡପକୁ ବିରୋଧ

ପୁରୀ ଅଫିସ,୩୧।୧:

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହେବାକୁ ଥିବା ଭଜନ ମଣ୍ଡପ ପଶ୍ଚିମଦ୍ୱାର ଗାଣ୍ଠିଆଚଉରା ଛକରେ ହେବ ବୋଲି ନକ୍ସାରେ ଦର୍ଶାଯାଇଛି। ଭଜନ ମଣ୍ଡପ ମହାପ୍ରଭୁଙ୍କ ପଛ ପାର୍ଶ୍ୱରେ କରାଯିବା ଉଚିତ୍ ନୁହେଁ ବୋଲି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ମତ ଦେଇଛି। ସଙ୍ଗଠନର ସଭାପତି ବଦ୍ରି ମିଶ୍ର କହିଛନ୍ତି, ଠାକୁରଙ୍କ ପଛପାର୍ଶ୍ୱରେ ଭଜନ ଗାନ ହୁଏ ନାହିଁ। କାଳେ କାଳେ ଠାକୁରଙ୍କ ସମ୍ମୁଖରେ ଭଜନ କୀର୍ତ୍ତନ ହୁଏ। ଭାରତବର୍ଷର ପ୍ରତି ମନ୍ଦିରରେ ଏଭଳି ପରମ୍ପରା ରହିଛି। ମହାପ୍ରଭୁଙ୍କ ସିଂହଦ୍ୱାର ସମ୍ମୁଖରେ ସାଲବେଗ ଗୀତ ଗାଇଥିଲେ। ସିଂହଦ୍ୱାର ସମ୍ମୁଖ ଏମାର ମଠ ପରିସରରେ ଶ୍ରୀକ୍ଷେତ୍ର କଳା ପ୍ରକାଶିକାର ବିଶ୍ୱ ପ୍ରସିଦ୍ଧ ଭଜନ ସମାରୋହ ହୁଏ। ଦେବ ଦୀପାବଳି ଭଜନ ସମାରୋହ, ବସନ୍ତ ଉତ୍ସବ, ହନୁମାନ ଜୟନ୍ତୀ, ରଥଶର୍ମା ଜୟନ୍ତୀରେ ସିଂହଦ୍ୱାର ସମ୍ମୁଖରେ ଭଜନ ସମାରୋହ ହୁଏ। ରାଜ୍ୟ ସରକାର ଏହି ପରମ୍ପରାର ଅନ୍ତ କରିବାକୁ ଚାହୁଁଛନ୍ତି। ଭଜନମଣ୍ଡପ ପଶ୍ଚିମଦ୍ୱାରରେ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଭିଆଇପିଙ୍କ ସ୍ୱାଗତ ପାଇଁ ପୂର୍ବପଟ କାକୁଡ଼ିଖାଇ ସଂଲଗ୍ନ ଅଞ୍ଚଳ ଚିହ୍ନଟ ହୋଇଛି। ଭଜନମଣ୍ଡପ ସ୍ଥାନରେ ଭିଆଇପିଙ୍କ ସ୍ୱାଗତ ପାଇଁ ବ୍ୟବସ୍ଥା ହେବା ଆଦୌ ଗ୍ରହଣୀୟ ନୁହେଁ। ଜଗନ୍ନାଥପ୍ରେମୀଙ୍କ କୋଟି କୋଟି ଅର୍ଥ ବିନିମୟରେ ଐତିହ୍ୟ କରିଡର ଓ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲୁଥିବାରୁ ଭକ୍ତଙ୍କ ଭାବବେଗ ଓ ପରମ୍ପରାକୁ ପ୍ରାଥମିକତା ଦିଆଯାଉ। ଯେଉଁ ସ୍ଥାନରେ ଭିଆଇପିଙ୍କ ପ୍ରବେଶ ପାଇଁ ବ୍ୟବସ୍ଥା କରାଯାଇଛି, ସେହିଠାରେ ଭଜନ ମଣ୍ଡପ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ରାଜ୍ୟ ସରକାର ଏହି ଦାବି ଗ୍ରହଣ ନ କଲେ ସମଗ୍ର ଓଡ଼ିଶାରେ ପ୍ରତିବାଦର ସ୍ୱରକୁ ତୀବ୍ର କରାଯିବ ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ପ୍ରସ୍ତୁତ ହୋଇଥିବା ନକ୍ସା ଆଧାରରେ କାର୍ଯ୍ୟ ଚାଲିଛି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।


ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ସମ୍ମୁଖରେ ଖନନ ଚାଲିଛି ।

## ବରିଷ୍ଠ ସେବାୟତଙ୍କ ପରଲୋକ

କୋଣାର୍କ,୩୧।୧(ଡି.ଏନ୍.ଏ.)

କୋଣାର୍କ ଏନ୍‌ଏସି ୧୦ନଂ. ୱାର୍ଡ ଅଧୀନ ମାଧିପୁରର ବରିଷ୍ଠ ସେବାୟତ ତ୍ରିଲୋଚନ ପାଢ଼ୀଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା। କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ପ୍ରଦୀପ (ବୁଲୁ ) ମୁଖାଗ୍ନି ଦେଇଥିଲେ। ବାର୍ଦ୍ଧକ୍ୟଜନିତ ହେତୁ ପରିବାର ଲୋକେ ପ୍ରଥମେ ଗୋପର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ କଟକ ନିଆଯାଇଥିଲା। ସୂଚନାଯୋଗ୍ୟ, ୧୦ନମ୍ବର ୱାର୍ଡରୁ ତ୍ରିଲୋଚନ ପ୍ରଥମ କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିଲେ। ନବଗ୍ରହ, ମା' ଭଗବତୀ, ତ୍ରିବେଣୀଶ୍ୱର ମନ୍ଦିରରେ ସେ ବରିଷ୍ଠ ସେବାୟତ ଥିଲେ। ସେ ମୋହରିର ଭାବେ ଜଣାଶୁଣା ଥିଲେ। ତାଙ୍କ ପରଲୋକରେ ମାଧିପୁର ଓ କୋଣାର୍କ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## 'ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ପାଇଁ ପ୍ରାର୍ଥୀ ଶପଥ କରନ୍ତୁ'

ପୁରୀ ଅଫିସ, ୩୧।୧:



ଖବରଦାତା ସମ୍ମିଳନୀରେ ଓଡ଼ିଶା ଅଭିଭାବକ ମହାସଂଘର କର୍ମକର୍ତ୍ତା ।

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ଶିକ୍ଷା ଅଧିକାର ଆଇନ ଶତପ୍ରତିଶତ କାର୍ଯ୍ୟକାରୀ କରାଇବା ସହ ଶିକ୍ଷାର ବିକାଶ ନେଇ ସର୍ବସାଧାରଣରେ ଶପଥପତ୍ର ପ୍ରଦାନ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ଅନୁରୋଧ କରିଛି। ଏ ନେଇ ମହାସଂଘ ପକ୍ଷରୁ ସୋମବାର ପୁରୀ ଓଷ୍ଟା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘର ଅଧକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ଓଡ଼ିଶାର ନବେ ପ୍ରତିଶତ ଜନସାଧାରଣ ଗ୍ରାମାଞ୍ଚଳରେ ବାସ କରନ୍ତି। ସେମାନେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସେମାନଙ୍କର ପ୍ରତିନିଧି ନିର୍ବାଚିତ କରିବେ। ଶିକ୍ଷା ବିନା ପ୍ରଗତି ଅସମ୍ଭବ। ଗ୍ରାମାଞ୍ଚଳରେ ସବୁ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଉପଲବ୍ଧ ସହିତ ଶିକ୍ଷାର ବିକାଶ ବିନା କୌଣସି ବିକାଶମୂଳକ କାର୍ଯ୍ୟକ୍ରମ ନିରର୍ଥକ। ଏହି କ୍ରମରେ ସମସ୍ତ ପ୍ରାର୍ଥୀ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଠିକ୍ ରୂପାୟନ ପାଇଁ ଏକ ସର୍ବସାଧାରଣ ଶପଥପତ୍ର ଜନସାଧାରଣଙ୍କୁ ପ୍ରଦାନ କରିବା ପାଇଁ ସମସ୍ତ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କୁ ମହାସଂଘ ନିବେଦନ କରୁଛି। ଯେଉଁ ପ୍ରାର୍ଥୀମାନେ ଏହାକୁ ପାଳନ କରିବେ ସେମାନଙ୍କୁ ଅଭିଭାବକମାନେ ଭୋଟ ଦେବାକୁ ମହାସଂଘ ନିବେଦନ କରୁଥିବା ଭଟ୍ଟ କହିଛନ୍ତି। ୭୩ତମ ସମ୍ବିଧାନ ସଂଶୋଧନ ୧୧ ଧାରା ଅନୁସାରେ ୨୯ଟି ବିଭାଗ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ସରପଞ୍ଚ, ସମିତି ସଭ୍ୟ ଓ ଜିଲାପରିଷଦ ସଦସ୍ୟମାନେ ସେମାନଙ୍କ ଦାୟିତ୍ୱ ନେବାପାଇଁ ଚାହୁଁଥିଲେ ମଧ ସରକାରୀ ଅବହେଳା ଯୋଗୁ ଏହା ଲାଗୁ ହୋଇ ପାରିନାହିଁ। ଆବଶ୍ୟକ ସଂଖ୍ୟକ ପିଲାଙ୍କ ଅଭାବରୁ ଓଡ଼ିଶାରେ ପ୍ରାୟ ୮୭୫୦ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ବନ୍ଦ ରହିଛି। ଯେଉଁ ସ୍କୁଲରେ ପିଲା ଅଛନ୍ତି ତାହାକୁ ଖୋଲାଯାଉ। ୨୫% ବେସରକାରୀ ସ୍କୁଲରେ ମାଗଣା ନାମଲେଖା, ପାଠପଢ଼ା ଛାଡୁଥିବା ପିଲାଙ୍କୁ ପୁଣି ପଢ଼ାଇବା, ଅଭିଭାବକ ଓ ପିଲାଙ୍କ ପାଇଁ ବର୍ଷକୁ ଦୁଇଥର ସ୍ୱାସ୍ଥ୍ୟ ପରୀକ୍ଷା, ବ୍ୟାଗ ଓ ବହି ଓଜନ କମାଇବାକୁ ଶପଥନାମା ଦେବା ପାଇଁ ଭଟ୍ଟ ସବୁ ଦଳର ନେତାଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉପାଧକ୍ଷ ପ୍ରସନ୍ନ ବିଶୋୟୀ, ମନୋଜ ଦାସ, ସୁବୋଧ ସୁବୁଦ୍ଧି, ବିନୟ ନୃସିଂହ ମହାପାତ୍ର, ମାନସ ସାହୁ ଏବଂ ଚନ୍ଦନ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ୟାଗ୍ ଲାଗିଥିବା ପାରା ଉଦ୍ଧାର

ଡେଲାଙ୍ଗ, ୩୧।୧(ଡି.ଏନ୍.ଏ.)



ପୁରୀ ଜିଲା ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତ ଅନ୍ତର୍ଗତ ଅଳଉତା ଗ୍ରାମରୁ ସୋମବାର ଟ୍ୟାଗ ଲାଗିଥିବା ଏକ ପାରା ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଅଳଉତା ଗ୍ରାମର ଚିନ୍ମୟ ମହାରଣାଙ୍କ ଛାତ ଉପରେ ଏହି ପାରାଟି ବସିଥିଲା। ଚିନ୍ମୟ ପାରା ନିକଟକୁ ଯିବାବେଳେ ପାରାର ଡାହାଣ ଗୋଡ଼ରେ ଏକ ଟ୍ୟାଗ୍ ଲାଗିଥିବା ଦେଖିବାକୁ ପାଇଥିଲେ। ସେହି ଟ୍ୟାଗ୍‌ରେ ଚାଇନିଜ୍ ଓ ଇଂଲିଶ୍ ଭାଷାରେ କିଛି ଲେଖାଥିବା ବେଳେ ୦୦୯୩ରେ କୋଡ୍ ଲେଖାଯାଇଛି। ଖବର ପ୍ରଚାର ହେବା ପରେ ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ରାଜକିଶୋର ରାଉତ ଓ ସିପାହି କୃଷ୍ଣଚନ୍ଦ୍ର ସେଠି ଘଟଣାସ୍ଥଳରେ ପହଞ୍ଚି ରହସ୍ୟମୟ ପାରାକୁ ଉଦ୍ଧାର କରିଥିଲେ। ଅଧିକ ଯାଞ୍ଚ ପାଇଁ ପୋଲିସ ପାରାଟିକୁ ଡେଲାଙ୍ଗ ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ହସ୍ତାନ୍ତର କରିଥିଲେ। ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ପାରା ଉପରେ ପରୀକ୍ଷା ନିରୀକ୍ଷା କରାଯିବ ବୋଲି ବନ ବିଭାଗ ଅଧିକାରୀ ବେହେରା କହିଛନ୍ତି ।

## ୨୧ନଂ. ଜୋନ୍ ହାତେଇବାକୁ କଡ଼ା ଟକ୍କର

- ଗଡ଼କୁ ପୁନର୍ବାର ଦଖଲ କରିବାକୁ ଭାଜପାର ପ୍ରୟାସ
- ପରିବର୍ତ୍ତନ ଆଣିବାକୁ ବିଜେଡିର ଉଦ୍ୟମ

ନିମାପଡ଼ା,୩୧।୧(ଡି.ଏନ୍.ଏ.)

ନିମାପଡ଼ା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ମାହୋଲ ସରଗରମ ହେବାରେ ଲାଗିଛି। ଭୋଟରଙ୍କୁ ନିଜ ସପକ୍ଷରେ ମନାଇବାକୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଜୋର୍‌ସୋର୍‌ରେ ପ୍ରଚାର ଚଳାଇଛନ୍ତି। ବ୍ଲକରେ ୪ଟି ଜିଲା ପରିଷଦ ଜୋନ୍ ଥିବାବେଳେ ତନ୍ମଧ୍ୟରୁ ୨୧ନଂ. ଚାରିଛକ ଜୋନ୍‌ଟି ଅତି ସମ୍ବେଦନଶୀଳ। ଏହି ଜୋନ୍‌ଟି ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ଭୋଦର, ତୁଳସୀପୁର, କଳାପାଞ୍ଚଣ, ତମ୍ପାଳୋ, ଛଣିଜଙ୍ଗ, ବାହାରେଣା, ଡେରୁଣ୍ଡିଆ ଆଦି ୭ ପଞ୍ଚାୟତକୁ ନେଇ ଏହି ୨୧ନଂ. ଜୋନ୍ ଗଠିତ। ଚଳିତ ନିର୍ବାଚନରେ ଏହି ଜୋନ୍‌ରୁ ବିଜେଡି ଦଳ ପକ୍ଷରୁ ସସ୍ମିତା ନାୟକ, ଭାଜପାର ପ୍ରୀତିପ୍ରିୟଦର୍ଶୀ ନାୟକ, କଂଗ୍ରେସ ପକ୍ଷରୁ ଚିନ୍ମୟୀ ଲେଙ୍କା, ସ୍ୱାଧୀନ ପ୍ରାର୍ଥୀ ଭାବେ କନକଲତା ସ୍ୱାଇଁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେଉଥିବା ଦେଖାଯାଉଛି। ଏହି ଜୋନ୍ ପାଇଁ ଖୋଦ୍ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜୁ ଜନତା ଦଳର ମଙ୍ଗ ଧରିଥିବା ବେଳେ ଭାଜପା ପାଇଁ ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା ଓ ଯୁବନେତା ଦିଲୀପ ନାୟକ ମଙ୍ଗୁଆଳ ସାଜିଛନ୍ତି। ବିଜେଡି ପ୍ରାର୍ଥୀ ସସ୍ମିତାଙ୍କ ବିଜୟ ପାଇଁ ମନ୍ତ୍ରୀ ଦାଶ ଜୋର୍‌ସୋର ଉଦ୍ୟମ ଚଳାଇଥିବା ବେଳେ ଭାଜପା ପ୍ରାର୍ଥୀ ପ୍ରୀତିପ୍ରିୟଦର୍ଶୀଙ୍କ ପାଇଁ ପ୍ରଭାତି ଓ ଦିଲୀପ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି।

ଏହି ଜୋନ୍‌ରେ ୨୦୧୭ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଜୋନ୍‌ଟି ଭାଜପାର ଗଡ଼ ରହିଆସିଛି। ଭାଜପାର ମିଶନ ପୁନର୍ବାର ଏହି ଜୋନ୍‌ଟିକୁ ଦଖଲ କରିବାକୁ ଚେଷ୍ଟା ଜାରି ରଖିଛି। ବିଜେଡିର ଏକଛତ୍ରବାଦ୍ ଶାସନ, ଗରିବମାରଣ ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ବାଦ୍ ଦେବା ପ୍ରତିବାଦରେ ଲୋକେ ବିଜେଡି ଓ ନେତାଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କଲେଣି। ତେଣୁ ଜନମତ ଭାଜପା ସପକ୍ଷରେ ରହିଥିବାରୁ ଚଳିତ ନିର୍ବାଚନରେ ଏହି ଗଡ଼ ତଥା ୨୧ନଂ. ଜୋନ୍‌କୁ ଭାଜପା ପୁନର୍ବାର ଦଖଲ କରିବ ବୋଲି ଭାଜପା ନେତ୍ରୀ ପ୍ରଭାତି ଓ ଦିଲୀପ କହିଛନ୍ତି। ଅନ୍ୟପକ୍ଷରେ ଏହି ଜୋନ୍‌ଟିରେ ପରିବର୍ତ୍ତନର ହାୱା ବହିଲାଣି, ଏହି ଅଞ୍ଚଳର ବିକାଶ ଲୋକେ ମନସ୍ଥ କରିସାରିଲେଣି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ, ବିଭିନ୍ନ ଜନହିତକର ବିକାଶୋନ୍ମୁଖୀ ଯୋଜନା କରି ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା, କୋଭିଡ୍ ସହାୟତା, ବିଜୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଛନ୍ତି। ତେଣୁ କଥା ନୁହଁ କାର୍ଯ୍ୟ, ବିକାଶ ହିଁ ବିଜୟୀ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସେହିଭଳି କଂଗ୍ରେସ ପକ୍ଷରୁ ମଧ ବିଭିନ୍ନ ହେଭିୱେଟ୍ ନେତା ନିଜ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଗାଁ ଗାଁ ବୁଲି ଭାଜପା ଓ ବିଜେଡିର କୁଶାସନ, ମାରଣନୀତି ବିରୋଧରେ କହି ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଫେବୃୟାରୀ, ୨୦୨୨

**ଡ୍ରିମ୍‌ସ କଲେଜରେ ଅଭିମୁଖୀକରଣ କାର୍ଯ୍ୟକ୍ରମ**

**କଟକ ଅଫିସ:** ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂରେ ଏଏନ୍‌ଏମ, ଜିଏନ୍‌ଏମ ଓ ବିଏସ୍‌ସି ନର୍ସିଂର ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଅଭିମୁଖୀକରଣ କାର୍ଯ୍ୟକ୍ରମ ପଦ୍ମିନୀ ଦେବୀ ଅଡିଟୋରିୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା, ଡା. ଜ୍ୟୋତି ପ୍ରକାଶ ପରିଜା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ପି. କନଙ୍ଗେଶ୍ୱରୀ ସ୍ୱାଗତ ଅଭିଭାଷଣ ଓ ଉପାଧକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ। ପ୍ରାଧାପିକା ରୋଜାଲିନ୍ ଦାଶ ଓ ରିମି ସରକାର, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ସ୍କୁଟିକୁ ପିଟିଲା କାର୍, ବୃଦ୍ଧ ସମେତ ୨ ମୃତ

**କଟକ ସଦର,୩୧।୧(ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାର ରାମକୁମାରପୁର ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କିଶନନଗର ଥାନା ଅନ୍ତର୍ଗତ ପାଇକାଣ ଗ୍ରାମର ସରୋଜ ଗୋଛାୟତ (୨୫) ଓ ତ୍ରିଲୋଚନ ମହାରଣା (୬୨)। ଉଭୟ ସ୍କୁଟିରେ କଟକ ଅଭିମୁଖେ ଯାଉଥିଲେ। ପାରାଦୀପ ଆଡୁ ଆସୁଥିବା ଏକ କାର୍ (ନଂ. ଓଡ଼ି-୩୩ ଆର-୩୩୩୯) ପଛପଟୁ ଧକ୍କା ଦେଇଥିଲା। କିଶନନଗର ଥାନା ଅଧିକାରୀ ସସ୍ମିତା ରଣା ଦୁର୍ଘଟଣାସ୍ଥଳରେ ପହଞ୍ଚି ପୋଲିସ ଭ୍ୟାନରେ ୨ ସ୍କୁଟି ଆରୋହୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। କାର୍‌ରେ ଯାତ୍ରା କରୁଥିବା ୨ଜଣ ମହିଳା ଓ ଚାଳକ ମଧ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଗ୍ରସ୍ତ ୨ଟି ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

### ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘ ବୈଠକ

**କଟକ ସଦର,୩୧।୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ବିରିବାଟୀରେ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘର ରାଜ୍ୟସ୍ତରୀୟ ବୈଠକ ରବିବାର ରଣଜିତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୨୦ଟି ଜିଲାର ଗ୍ରାମ ରୋଜଗାର ସେବକ ଯୋଗଦେଇଥିଲେ। ରୋଜଗାର ସେବକମାନଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା ସହ ଗ୍ରାମ ସେବକ ପଦବୀରୁ ୩୦ପ୍ରତିଶତ ସଂରକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ଗ୍ରାମ ରୋଜଗାର ସେବକମାନେ ଉପେକ୍ଷିତ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ଉଦୟ ନାଥ ଲେଙ୍କା, ଶ୍ରବଣ ପଣ୍ଡା, ସୁମନ୍ତ ବଳିଆର ସିଂହ, ଜିତେନ୍ଦ୍ର ପତି, ସୂର୍ଯ୍ୟକାନ୍ତ ସାହୁ, ପଙ୍କଜ ସ୍ୱାଇଁ, ସତ୍ୟଜିତ ମହାପାତ୍ର, ଘନଶ୍ୟାମ ସେଠୀ, ସାରଥୀ ନାୟକ, ସନ୍ତୋଷ ପ୍ରଧାନ, ମନୋଜ ବେହେରା ଓ ଆଜାଦ ଅଲି ଖାଁ ସାମିଲ ଥିଲେ।

### ଆଜାଦୀ କା ଅମ୍ରିତ୍ ମହୋତ୍ସବ ପାଳିତ

**କଣ୍ଟାପଡା,୩୧।୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ୍ ବାଗଲପୁର ପଞ୍ଚାୟତର ସୁନ୍ଦରଗ୍ରାମସ୍ଥିତ ଦଧିଚି କଲେଜ ଅଫ୍ ଫାର୍ମାସିରେ 'ଆଜାଦୀ କା ଅମ୍ରିତ୍ ମହୋତ୍ସବ' ସୋମବାର ଭର୍ଚୁଆଲରେ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଦିଲ୍ଲୀ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. କମଳାକାନ୍ତ ରାଉଳ ଯୋଗଦେଇ 'ଟ୍ରାନ୍ସଫର୍ମିଂ ଇଣ୍ଡିଆ ଫ୍ରମ୍ ଅଖଣ୍ଡ ଭାରତ ଟୁ ନିଉ ଇଣ୍ଡିଆ' ବିଷୟବସ୍ତୁ ଉପରେ ବକ୍ତବ୍ୟ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ 'ଇଣ୍ଡିଆ ଆଟ୍ ଦ ରେଟ୍ ୨୦୪୭' ବିଷୟବସ୍ତୁ ଉପରେ ନୃତ୍ୟ, ରଙ୍ଗୋଲି, କବିତା, ରଚନା, ସ୍କ୍ରିପ୍ଟ ରାଇଟ୍, ପୋଷ୍ଟର ପ୍ରୋଜେକ୍ସନ୍, ଭିଡିଓ କ୍ଲିପ୍ ଭର୍ଚୁଆଲରେ ସେୟାର କରିଥିଲେ। ଦଧିଚି ସମୂହ ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ମନୋଜ କୁମାର ଦାଶ ଯୋଗଦେଇ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡ. ରଜତ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଅନିତା ସାହୁ ଏବଂ ଡ. ସତ୍ୟବ୍ରତ ସାହୁ ସଭା ପରିଚାଳନା କରିଥିଲେ।

### କ୍ରିକେଟ: ମହାବୀର କ୍ଲବ ଚାମ୍ପିୟନ

**ସାଲେପୁର,୩୧।୧(ଡି.ଏନ୍.ଏ.):** ସାଲେପୁର ବ୍ଲକ ସତ୍ୟଭାମାପୁର ପଞ୍ଚାୟତସ୍ଥିତ ପୁରୁଷୋତ୍ତମପୁରର ଶରଧା ବାଲି ପଡିଆରେ ଚାଲିଥିବା ୩୯ତମ ସୁରେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ପଦ୍ମପୁର ମହାବୀର କ୍ଲବ ଚାମ୍ପିୟନ ଘୋଷିତ ହୋଇଛି। ମହାବୀର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୨୫ ରନ୍ କରିଥିଲା। ଜବାବରେ ଜାଗ୍ରତ କ୍ରିକେଟ କ୍ଲବ ୨୧୭ ରନ୍ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ୪୩ ନଂ ଜୋନ ଜିଲା ପରିଷଦ ପ୍ରାର୍ଥିନୀ ସୁନିତା ମଲ୍ଲିକ, ବିକ୍ରମ କେଶରୀ ସାମଲ,ସୀତାରାମ ମାର୍ଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଟିମ୍‌କୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସୁରେନ୍ଦ୍ର ମେମୋରିଆଲ କ୍ଲବର ସମ୍ପାଦକ ଦେବେନ୍ଦ୍ର ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା, ସୌଭାଗ୍ୟ ବେହେରା ଓ ଜ୍ଞାନରଞ୍ଜନ ଦାଶ ଖେଳ ପରିଚାଳନା କରିଥିଲେ। ସତ୍ୟନାରାୟଣ ସ୍ୱାଇଁ ଧାରା ବିବରଣୀ ଦେଇଥିଲେ। ଶାରଦା ଦାଶ, ଅଶୋକ ମହାନ୍ତି, ଚକ୍ରଧର କାଣ୍ଡି, ମନ୍ମଥ ଦାସ, ଆଶିଷ ସ୍ୱାଇଁ, ଜ୍ୟୋତି ଦାସ ପ୍ରମୁଖ ସହଯୋଗ କରିଥିଲେ।

# ୩ ଘଣ୍ଟା ଅପରେଶନ ପରେ ଘଡ଼ିଆଳ ଉଦ୍ଧାର

**କଟକ ଅଫିସ,୩୧।୧**

■ ପାଟିରୁ ବାହାର କରାଗଲା ଛନ୍ଦି ହୋଇଥିବା ଜାଲ

■ ବିପଦମୁକ୍ତ ପରେ ପୁଣି ମହାନଦୀରେ ଛଡ଼ାଗଲା

୩ଘଣ୍ଟାର ଅପରେଶନ ପରେ ଶେଷରେ ବିପଦରେ ପଡ଼ିଥିବା ଘଡ଼ିଆଳ କୁମ୍ଭୀରକୁ ଉଦ୍ଧାର କରାଯାଇଛି। କଟକ ସିଡିଏରୁ ନୂଆପାଟଣାକୁ ସଂଯୋଗ କରୁଥିବା ମଧୁସୂଦନ ସେତୁ ନିକଟ ମହାନଦୀରେ ଗତ ଦୁଇଦିନ ଧରି ଏହି କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଥିଲା। ଫଳରେ ଲୋକଙ୍କ ମଧରେ ଆତଙ୍କ ଖେଳିଯାଇଥିଲା। ତେବେ ଉକ୍ତ କୁମ୍ଭୀର ପାଟିରେ ଏକ ମାଛ ଜାଲ ଛନ୍ଦି ହୋଇଯାଇଥିବାରୁ କୁମ୍ଭୀରଟି ପୂର୍ବଭଳି ଆଉ ଚଳପ୍ରଚଳ କରିପାରୁ ନ ଥିଲା। ଅଧିକାଂଶ ସମୟରେ ନଦୀପଠାରେ ଶୋଇ ରହୁଥିଲା। ଏପରି କି ଖାଦ୍ୟ ଖାଇପାରୁ ନ ଥିଲା। ତେବେ ସୋମବାର କୁମ୍ଭୀରଟିକୁ ଉଦ୍ଧାର କରାଯାଇ ତା' ପାଟିରେ ଛନ୍ଦି ହୋଇଥିବା ଜାଲକୁ ବାହାର କରାଯାଇ ତାକୁ ପୁନର୍ବାର ମହାନଦୀରେ ଛାଡ଼ିଦିଆଯାଇଛି।

ସାତକୋଶିଆ ଟିକରପଡ଼ାରୁ ଏହି ଘଡ଼ିଆଳ କୁମ୍ଭୀରଟି ଚାଲିଆସିଥିବାବେଳେ ଏହାକୁ ଧରିବା ପାଇଁ ଦୁଇଦିନ ହେବ ବନବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଥିଲା। ରବିବାର କୁମ୍ଭୀରକୁ ଧରିବା ପାଇଁ ପ୍ରୟାସ କରାଯାଇଥିଲେ ହେଁ ତାହା ସଫଳ ହୋଇ ନ ଥିଲା। ତେବେ ସୋମବାର ଘଡ଼ିଆଳ ଉଦ୍ଧାର କାର୍ଯ୍ୟରେ ୩ଟି ଡଙ୍ଗାରେ ନରସିଂହପୁର ଅଞ୍ଚଳର ସ୍ୱତନ୍ତ୍ର ତାଲିମପ୍ରାପ୍ତ ୪ଜଣ ମତ୍ସ୍ୟଜୀବୀ, କଖଡିର ୨ ମତ୍ସ୍ୟଜୀବୀ,


ମତ୍ସ୍ୟଜୀବୀମାନେ ଘଡ଼ିଆଳ କୁମ୍ଭୀର ପାଟିରୁ ଜାଲ ବାହାର କରୁଛନ୍ତି।

ଖୁଣ୍ଟୁଣୀର ୨ ଜଣ ଲୋକାଲ ସ୍କ୍ୱାଡ୍ ଓ ବନବିଭାଗର ସଦସ୍ୟଙ୍କୁ ମିଶାଇ ୧୨ ଜଣ ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ପାଣି ଭିତରେ ୧୫୦ ମିଟର ଲମ୍ବା ଓ ୧୦ ଫୁଟ ଚଉଡ଼ାର ଜାଲ ପକାଯାଇ ଦୀର୍ଘ ୩ଘଣ୍ଟାର ପରିଶ୍ରମ ପରେ କୁମ୍ଭୀରକୁ ଧରାଯାଇଥିଲା। ଏହାପରେ ତା' ପାଟିରେ ଲାଗିଥିବା ଜାଲକୁ କଢାଯାଇ ପୁଣି ଛାଡ଼ିଦିଆଯାଇଥିଲା। ଘଡିଆଳଙ୍କ ବଂଶ ବିସ୍ତାର ଉଦ୍ଦେଶ୍ୟରେ ମହାନଦୀରେ ୪ଟି ଘଡ଼ିଆଳ ଦେହରେ ଜିପିଏସ୍ ଲଗାଯାଇ ଛଡ଼ାଯାଇଛି। ଫଳରେ ସେମାନଙ୍କ ଗତିବିଧି ବିଷୟରେ ଜାଣିବା ସହ ଗବେଷଣା ନିମନ୍ତେ ସହାୟକ ହୋଇଥାଏ ବୋଲି କୁମ୍ଭୀର ସଂରକ୍ଷଣ ବିଶେଷଜ୍ଞ ସୁଦର୍ଶନ ମହାରଣା କହିଛନ୍ତି। ତେବେ ଘଡ଼ିଆଳ ପ୍ରଜାତିର କୁମ୍ଭୀର ସବୁଠାରୁ ନିରୀହ ପ୍ରଜାତିର। ସେମାନେ କାହାର କିଛି କ୍ଷତି ଘଟାନ୍ତି ନାହିଁ। ସେମାନେ କେବଳ ମାଛ ଖାଇଥାଆନ୍ତି । ମହାନଦୀ ଘଡ଼ିଆଳଙ୍କ ବାସସ୍ଥଳ। ସେମାନେ ମୁକ୍ତ ଭାବେ ମହାନଦୀରେ ବୁଲିବେ। ବିପଦ ସମୟରେ ଜିପିଏସରେ ଟ୍ରାକ୍ କରି ଆମେ ଉଦ୍ଧାର କରିପାରିବୁ ବୋଲି ସେ କହିଛନ୍ତି। ଉକ୍ତ ଉଦ୍ଧାର କାର୍ଯ୍ୟରେ ଆର୍.କେ. ମହାପାତ୍ର, ଆଠଗଡ଼ ଏସିଏଫ୍ ଘନଶ୍ୟାମ ମୁଦୁଲି, ଖୁଣ୍ଟୁଣୀ ରେଞ୍ଜର ଗଜେନ୍ଦ୍ର ପାଲ ସିଂ ମାଥରୁ, ନରସିଂହପୁର ଇଷ୍ଟ ଜୋନ ରେଞ୍ଜର ବିଭୁରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ସିଡିଏରେ ସାମିଲ ହୋଇପାରେ ରାଜସ୍ୱ ଗ୍ରାମ

**କଟକ ସଦର,୩୧।୧(ଡି.ଏନ୍.ଏ.)**

କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ରେ ୧୪୫ରାଜସ୍ୱ ଗ୍ରାମକୁ ସାମିଲ କରିବା ପାଇଁ ଏକ ପ୍ରସ୍ତାବ ଗୃହ ନିର୍ମାଣ ଓ ସହରାଞ୍ଚଳ ବିଭାଗର ସକ୍ରିୟ ବିଚାରାଧୀନ ରହିଛି। ସରକାରଙ୍କର ଅନୁମତି ମିଳିଲେ ଏହି ସବୁ ଗ୍ରାମରେ ନୂତନ ଗୃହ ନିର୍ମାଣ ପାଇଁ ପ୍ଲାନ ସିଡିଏ ଦ୍ୱାରା ମଞ୍ଜୁର କରିବାକୁ ପଡ଼ିବ। ପୂର୍ବରୁ ସ୍ଥାନୀୟ ପଞ୍ଚାୟତ ଦ୍ୱାରା ପ୍ଲାନ ମଞ୍ଜୁର ସହ ନିର୍ମାଣ ଅନୁମତି ପ୍ରଦାନ କରାଯାଉଥିଲା। ରାଜସ୍ୱ ଗ୍ରାମ ମଧରେ ତଅଁରପା, ବିରିବାଟି, ନିମେଇଶାପୁର, ଦେଓପୁର, କୁସିଙ୍ଗା, ପରମହଂସ, ରାଜହଂସ, ହାଟସାହି, ଦୀଘି, ଆୟତପୁର, ଫକିରପଡ଼ା, ଦଣ୍ଡୁଆସିପଡ଼ା, କେଷପୁର, କୋରପଦା, କନ୍ଦରପୁର, ଅଥଙ୍ଗା, ବମ୍ଭୁରୀ, ସିଦ୍ଧେଶ୍ୱରପୁର, ଉରାଲି, ଜରିପଡ଼ା, ସଇଁନ୍ଦା, ନଚିପୁର, ଅଢାଳିଆ, ଖଣ୍ଡେଇତା, ସାସୋଳ, ଆମଣ, ବିଶାଳପଡ଼ା, ଅରଡ, ସୁମଣ୍ଡି, ଦେଓକାଳି, ମୂଳକୋଦିଣ୍ଡା, ଉସୁମା, ଖଲର୍ଦ୍ଦା, ନଗରୀ, ଜିଗିନିପୁର, ବାଙ୍କେଶ୍ୱରହୁରା, ମହେଶପୁର, ଗୋବିଲୋ, ସୁନ୍ଦର ଗ୍ରାମ, ବ୍ରାହ୍ମଣ ଜରିଲୋ, କଜଳପୁର, ବିଶିପଦା, ଶାବଳ, କୋରକରା ଓ ଗବବସ୍ତ ପ୍ରଭୃତି ରାଜସ୍ୱ ଗ୍ରାମ ରହିଛି।



କେନ୍ଦ୍ର ସରକାର ୬ ଦଫା ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇ ପାଳନ ନ କରିବା ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ କ୍ରମେ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ କଟକସ୍ଥିତ କଚେରି ଗଡାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସେକ୍ସ ର୍‍ୟାକେଟ ଠାବ, ୬ ଗିରଫ

**କଟକ ଅଫିସ, ୩୧।୧**

**ଟ୍ରେନିଂ କଲେଜ କ୍ୱାର୍ଟର୍ସରେ ଚାଲିଥିଲା ଦେହ ବ୍ୟବସାୟ**

କଟକରୁ ସୋମବାର ଏକ ସେକ୍ସ ର୍‍ୟାକେଟ ଠାବ କରିଛି କଟକ କମିଶନରେଟ ପୋଲିସ। ରାଧାନାଥ ଟ୍ରେନିଂ କଲେଜ ପରିସରସ୍ଥ ଏକ କ୍ୱାର୍ଟର୍ସରେ ଏହି ସେକ୍ସ ରାକେଟ ଚାଲିଥିଲା। ଏହି ମାମଲାରେ ପୋଲିସ ମୋଟ ୬ଜଣଙ୍କୁ ଗିରଫ କରିଛି। ଗ୍ରାହକ କଟକ ଶାର୍ଡୋଳର ଦୁର୍ଯ୍ୟୋଧନ ସେଠୀ, ମହିଳା ଦଲାଲ ସୁଜାତାଙ୍କ ସମେତ ନିଆଳି ଓ ବଡ଼ମ୍ବା ଅଞ୍ଚଳର ୨ଜଣ ଦେହଜୀବୀଙ୍କୁ ଗିରଫ କରାଯାଇଛି। ସେହିପରି କ୍ୱାର୍ଟର୍ସ ମାଲିକ ଶରତ ଚନ୍ଦ୍ର ଚାନ୍ଦ ଓ ଝୁନୁ ଚାନ୍ଦଙ୍କୁ ମଧ ପୋଲିସ ଗିରଫ କରିଛି। ଦୀର୍ଘଦିନ ଧରି ଏଠାରେ ଦେହବ୍ୟବସାୟ ଚାଲିଥିବା ପୋଲିସ ଜାଣିବାକୁ ପାଇଛି। ସୋମବାର ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଉଦ୍ଧାର ହୋଇଥିବା ମହିଳାଦ୍ୱୟଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ କହିଛନ୍ତି।

### ଅପ୍ରତିଦ୍ୱନ୍ଦ୍ୱୀ ୱାର୍ଡସଭ୍ୟଙ୍କ ଦୋକାନ ପୋଡ଼ିଗଲା

**ନିଶ୍ଚିନ୍ତକୋଇଲି,୩୧।୧(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ମଣିଜଙ୍ଗ ପଞ୍ଚାୟତ ଓଡଖଣ୍ଡ ଗ୍ରାମରେ ଏକ ଷ୍ଟେସନାରୀ ଦୋକାନ ଜଳିଯାଇଛି। ଏହା ଅପ୍ରତିଦ୍ୱନ୍ଦ୍ୱୀ ୱାର୍ଡସଭ୍ୟ ଚିତ୍ତରଞ୍ଜନ ବାରିକଙ୍କ ଦୋକାନ। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଛି।

### 'ଖେଲୋ ଟାଙ୍ଗୀ-ଚୌଦ୍ୱାର' ପତ୍ରିକା ଉନ୍ମୋଚିତ

**ଚୌଦ୍ୱାର, ୩୧।୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କ୍ରୀଡ଼ା ସଂସଦର ମୁଖପତ୍ର 'ଖେଲୋ ଟାଙ୍ଗୀ-ଚୌଦ୍ୱାର' ପତ୍ରିକା ଉନ୍ମୋଚିତ ହୋଇଯାଇଛି। ଇଙ୍ଗା କାର୍ଯ୍ୟାଳୟରେ ସଂସଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଇଙ୍ଗାର ଉପସଭାପତି ବିନୟ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ। ସଂସଦର ମୁଖ୍ୟ ସଂଗଠକ ଭୀମସେନ ବିଶ୍ୱାଳଙ୍କ ସହିତ ଅଶ୍ୱିନୀ ଜେନା, ଭାସ୍କର ମହାପାତ୍ର, ଅମିୟ କୁମାର ପୃଷ୍ଟି, ହେମନ୍ତ ମହାରଣା, ବନମାଳୀ ସାହୁ, ଭାସ୍କର ରାଉତରାୟ, ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟା ଡାଏରି ଏମ୍‌ଡି ଗିରଫ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

**୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ**

ଜାଲ୍ କାଗଜପତ୍ର ଦେଇ ବିଭିନ୍ନ ସଂସ୍ଥାରୁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଋଣ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦିବ୍ୟା ଡାଏରି ଆଗ୍ରୋ ପ୍ରୋସେସର ପ୍ରାଇଭେଟ ଲି.ର ଏମ୍‌ଡି ଅମ୍ରିତା କିଣ୍ଡୋଙ୍କୁ ଗିରଫ କରିଛି। ତାଙ୍କୁ ପଚରାଉଚରା ପରେ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଅମ୍ରିତାଙ୍କ ସ୍ୱାମୀ ତଥା ସମୃଦ୍ଧ ଫିନ୍‌ସର୍ଭର ଏମ୍‌ଡି ଦୀପକ କିଣ୍ଡୋ। ସେ ଏବେ ଫେରାର ଅଛନ୍ତି। ଅମ୍ରିତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ତାଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ଉଦ୍ୟମ କରିବା ସହ ଅଧିକ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଦୀପକଙ୍କର ଚନ୍ଦକା ଶିଳ୍ପାଞ୍ଚଳରେ ସମୃଦ୍ଧ ଫିନ୍‌ସର୍ଭ ପ୍ରାଇଭେଟ ଲି. ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥା ରହିଛି। ସେ ଉକ୍ତ ସଂସ୍ଥା ମାଧମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ଦେବାକୁ କହି ଖଣ୍ଡଗିରିସ୍ଥିତ ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲି.ରୁ ୨୦୨୦ ଡିସେମ୍ବରରେ ଜାଲ୍ କାଗଜପତ୍ର ଦେଇ ୫ କୋଟି ଟଙ୍କା ନେଇ ନିଜେ ଚଳୁ କରିଦେଇଥିଲେ। ଦୀପକଙ୍କ ଠକେଇ ସଂକ୍ରାନ୍ତରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଅନ୍ନପୂର୍ଣ୍ଣା ଫାଇନାନ୍ସ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ସେ ୫୦ ଲକ୍ଷ ଟଙ୍କା ଫେରାଇ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଅନ୍ନପୂର୍ଣ୍ଣା ଫାଇନାନ୍ସର ଏମ୍‌ଡି ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ୨୦୨୧ ଡିସେମ୍ବର ୩୧ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ ମାମଲା (ନଂ.୧୭/୨୦୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଛି, ଦୀପକ ୨୦୧୫ରୁ ୨୦୨୦ ମଧରେ ବିଭିନ୍ନ ସଂସ୍ଥାଠାରୁ ଋଣ ଆଣି ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଛନ୍ତି। ଏହି ସମୟ ମଧରେ ସମୃଦ୍ଧ ଫିନ୍‌ସର୍ଭର ସହବନ୍ଧିତ ସଂସ୍ଥା ଏଗ୍ରୋ ପ୍ରୋସେସୋର ପ୍ରାଇଭେଟ ଲି.ର ବ୍ୟାଙ୍କ ଆକାଉଣ୍ଟକୁ ୨୨.୭୨ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଥିବା ଇଓଡବ୍ଲ୍ୟୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛି। ସୂଚନାଯୋଗ୍ୟ, ଦୀପକ ମଧ ପୂର୍ବରୁ ଗିରଫ ହୋଇ ଜେଲ୍ ଯାଇଥିଲେ। ବହୁ କୋଟି ଟଙ୍କାର ଠକେଇ ଅଭିଯୋଗରେ ହାଇଦ୍ରାବାଦ ପୋଲିସ ଗତବର୍ଷ ଜୁଲାଇରେ ତାଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ କର୍ଣ୍ଣାଟକ ଓ ତାମିଲନାଡୁରେ ଏକାଧିକ ମାମଲା ରହିଥିବା ସେତେବେଳେ ହାଇଦ୍ରାବାଦ ଯୁଗ୍ମ ପୋଲିସ କମିଶନର କହିଥିଲେ।

# ୮୩ ସମ୍ବେଦନଶୀଳ ପୋଲିଂ ବୁଥ୍

**କଟକ ସଦର, ୩୧।୧(ଡି.ଏନ୍.ଏ.)**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୩ଟି ଥାନା କିଶନନଗର, କନ୍ଦରପୁର ଓ ୪୨ମୌଜା ଥାନା ଅଞ୍ଚଳରେ ୮୩ଟି ପୋଲିଂ ବୁଥକୁ ସମ୍ବେଦନଶୀଳ ବୋଲି ଚିହ୍ନଟ କରାଯାଇଛି। କିଶନନଗର ଥାନାଟି ସାଲେପୁର ବ୍ଲକର ୪ଟି, କଟକ ସଦରର ୮ଟି ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ ଟି ପଞ୍ଚାୟତକୁ ନେଇ ଗଠିତ। କଟକ ସଦର ବ୍ଲକ ଅଞ୍ଚଳରେ ୧୯ଟି, ସାଲେପୁର ୮ଟି ଓ ନିଶ୍ଚିନ୍ତକୋଇଲିର ୧୬ଟି ବୁଥ ସମ୍ବେଦନଶୀଳ ବୋଲି ଥାନା ଅଧିକାରୀ ସସ୍ମିତା ରଣା ବିଡିଓଙ୍କୁ ରିପୋର୍ଟ ଦେଇଛନ୍ତି। ସେହିପରି କନ୍ଦରପୁର ଥାନା ଅଞ୍ଚଳରେ ୩୨ଟି ବୁଥ ସ୍ପର୍ଶକାତର ଘୋଷିତ ହୋଇଥିବା ଥାନା ଅଧିକାରୀ ବିପିନ ବିହାରୀ ହୋତା ଓ ୪୨ ମୌଜା ଥାନା ଅଞ୍ଚଳରେ ୮ଟି ବୁଥ ରହିଥିବା ଥାନା ଅଧିକାରୀ ଅନିତା ସାହୁ କଟକ ଡିସିପିଙ୍କୁ ରିପୋର୍ଟ ଦେଇଛନ୍ତି। ସମ୍ବେଦନଶୀଳ ବୁଥରେ ସୁରକ୍ଷା ପାଇଁ କନଷ୍ଟେବଲ ମୁତୟନ କରାଯିବାର ବ୍ୟବସ୍ଥା ଥିବାବେଳେ ଅନ୍ୟ ବୁଥଗୁଡ଼ିକରେ ଗ୍ରାମରକ୍ଷୀ କିମ୍ବା ଗୃହରକ୍ଷୀମାନଙ୍କୁ ମୁତୟନ କରାଯିବ ବୋଲି ସୂଚନା ମିଳିଛି।

### ସାମାଜିକ ନାଟକ ମଞ୍ଚସ୍ଥ

**ଟିଗିରିଆ,୩୧।୧(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଗୋପୀନାଥପୁର ଶାସନ ଗ୍ରାମରେ ବୀଣାପାଣି ଯୁବ ସଂସଦ ଆନୁକୂଲ୍ୟରେ ସାମାଜିକ ନାଟକ 'ଈଶ୍ୱର ତୁମକୁ କୋଟି ନମସ୍କାର' ମଞ୍ଚସ୍ଥ ହୋଇଛି। ସଭାରେ ଶିକ୍ଷାବିତ୍ ଶିବପ୍ରସାଦ ଦାଶ ପୌରୋହିତ୍ୟରେ କାର୍ଯ୍ୟକ୍ରମରରେ ମୁଖ୍ୟଅତିଥି ଭାବେ ବଡ଼ନାଉପୁଟ ସରପଞ୍ଚ ତଥା ଟିଗିରିଆ ବ୍ଲକ ୨ନଂ. ଜୋନ ଜିଲା ପରିଷଦ ପ୍ରାର୍ଥିନୀ ସସ୍ମିତା ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ା, ଗ୍ରାମ ସମ୍ପାଦକ ପୀତବାସ ଦାଶ ଏବଂ ପ୍ରଦୀପ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଯୁବ ସଂସଦର ୪ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟକକୁ ପବିତ୍ର ସାହୁ ନିର୍ଦ୍ଦେଶନା ଦେଇଥିବାବେଳେ ରାକେଶ କୁମାର ମିଶ୍ର, ପ୍ରଶାନ୍ତ ବେହେରା, ରବି ରଣା, ତ୍ରିବିକ୍ରମ ଦାଶ, ସିଡୁଆ ବେହେରା ପ୍ରମୁଖ ଅଭିନୟ କରିଥିଲେ।

# କ୍ରିକେଟ: ଫେଶନ ଫାଇଟର ଚାମ୍ପିୟନ


କ୍ରିକେଟ ଟୁର୍ନାମେଣ୍ଟରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ଫୁଲନଖରା,୩୧।୧(ଡି.ଏନ୍.ଏ.)**

ଜନ୍ମେଜୟପୁର ଗ୍ରାମ ଖେଳପଡିଆରେ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲକୁ ଫେଶନ ଫାଇଟର ଓ ଦୁଲାଦେବୀ ୟଙ୍ଗର ଷ୍ଟାର ଯାଇଥିଲେ। ଫେଶନ ଫାଇଟର ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା।। ଦୁଲାଦେବୀ ୟଙ୍ଗର ଷ୍ଟାର ବ୍ୟାଟିଂ କରି ୫ ଓଭରରେ ୪ଟି ଉଇକେଟ ହରାଇ ୫୨ ରନ କରିଥଲା। ଜବାବରେ ଫେଶନ ଫାଇଟର ୪ ଓଭର ୨ ଉଇକେଟ ହରାଇ ୫୩ରନ କରି ଚାମ୍ପିୟନ ହୋଇଥିଲା। ବନ୍ଦନ ପରିଡା ମ୍ୟାନ ଅଫ୍ ଦି ମ୍ୟାଚ୍, ବିଶ୍ୱଜିତ ଦାସ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ମୁଖ୍ୟ ଅତିଥି ସରପଞ୍ଚ ରଶ୍ମିତା ସାହୁ, ସମ୍ମାନିତ ଅତିଥି ତ୍ରୈଲୋକ୍ୟ ମଙ୍ଗରାଜ, ନିଗମାନନ୍ଦ ଦାସ, ରବି ସେଠୀ, ବବିତା ଭୋଇ, ଜନ୍ମେଜୟପୁର ଗ୍ରାମର ମୁରବି ଧୀରେନ୍ଦ୍ର ପରିଡା ଯୋଗଦେଇଥିଲେ। ଟୁର୍ନାମେଣ୍ଟକୁ ଦେବେନ୍ଦ୍ର ଦାସ, ଅଜୟ ମହାନ୍ତି, ପ୍ରଶାନ୍ତ ପରିଡା, ବାବୁ ଦାସ ପରିଚାଳନା କରିଥିଲେ।

# ବ୍ରାଣ୍ଡ ବୋତଲରେ ନକଲି ମଦ

**କଟକ ଅଫିସ/ନିଶ୍ଚିନ୍ତକୋଇଲି(ସ୍ୱ.ପ୍ର.)୩୧।୧**

**୧୭ଲକ୍ଷ ଟଙ୍କାର ମଦ ଜବତ**

କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ରବିବାର ଯାଜପୁର ଅଞ୍ଚଳରେ ଚଢ଼ାଉ କରି ୫୫୩ ବୋତଲ ନକଲି ବିଦେଶୀ ମଦ ଓ ଏକ କାର୍ ଜବତ କରିବା ସହ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗରର ରାଏବୋଲର ଶ୍ରୀକାନ୍ତ ସାହୁ। ଜବତ ମଦର ଆନୁମାନିକ ମୂଲ୍ୟ ପ୍ରାୟ ୪ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ନାମୀ ଦାମୀ ବ୍ରାଣ୍ଡର ଲୋଗୋ ଲଗାଇ ନକଲି ବିଦେଶୀ ମଦର ବେପାର ଚାଲିଥିଲା ବୋଲି ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ କହିଛନ୍ତି। ଖବରପାଇ ରବିବାର ରାତିରେ ଯାଜପୁରର ଚଢେଇଧରା ନିକଟରେ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ କରି ୪ ଲକ୍ଷ ଟଙ୍କାର ନକଲି ବିଦେଶୀ ମଦ ଜବତ କରିଛି। ନକଲି ବିଦେଶୀ ମଦ ଯାଜପୁର ଓ ଢେଙ୍କାନାଳ ସୀମାରେ ତିଆରି ହେଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୋଟିଏ ଗାଡ଼ିରେ ଏହି ମଦ ଭୁବନରୁ ଚଣ୍ଡିଖୋଲ ଚାଲାଣ ହେଉଥିଲା। ଜବତ ମଦ ବୋତଲରେ ନକଲି ସିଲ୍ ସହ ମଦରେ ଆବର୍ଜନା ଭାସୁଥିବା ଦେଖାଯାଇଛି। ସେହିପରି ନିଶ୍ଚିନ୍ତକୋଇଲି ଥାନା ଦୀକ୍ଷିତପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ରବିବାର ରାତିରେ ଜଗତପୁର ଥାନା ପୋଲିସ ଚଢ଼ାଉ କରି ୧୯୮ ପେଟି ଚୋରା ମଦ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏଥିସହ ଗୋଟିଏ ଗାଡ଼ି ଜବତ ହୋଇଛି। ନିକଟରେ ଏକ ରାକେଟ ଜଗତପୁର ଅଞ୍ଚଳରୁ ବିପୁଳ ପରିମାଣର ବିଦେଶୀ ମଦ ଓ ଏକ ଗାଡି ଚୋରି କରି ନେଇଥିଲେ।

### ଓଏସ୍ଏଲ୍ଏସ୍ଏ ଏଷ୍ଟାବ୍ଲିଶମେଣ୍ଟ ଅଫିସରଙ୍କ ଅବସର


ଓଏସ୍ଏଲଏସ୍ଏର ଏଷ୍ଟାବ୍ଲିଶମେଣ୍ଟ ଅଫିସର କମଳାକାନ୍ତ କରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

**କଟକ ଅଫିସ, ୩୧।୧**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଓଏସ୍ଏଲଏସ୍ଏ)ର ଏଷ୍ଟାବ୍ଲିଶମେଣ୍ଟ ଅଫିସର କମଳାକାନ୍ତ କର ସୋମବାର ଅବସର ଗ୍ରହଣ କରିଛନ୍ତି। ଏ ନେଇ ଆଇନ ସେବା ଭବନ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣର ସମସ୍ତ ଅଫିସର ଓ କର୍ମଚାରୀମାନେ କରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଅବସର ଗ୍ରହଣ ପରେ ଗରିବ ଓ ନିସହାୟ ବ୍ୟକ୍ତିଙ୍କୁ ଆଇନ ସହାୟତା ଯୋଗାଇ ଦେବେ ବୋଲି କର କହିଛନ୍ତି। ସୂଚନାଯୋଗ୍ୟ, ତତ୍କାଳୀନ ଓଡ଼ିଶା ଲିଗାଲ ଏଡ୍ ଆଣ୍ଡ ଆଡ୍‌ଭାଇସ୍ ବୋର୍ଡରେ କର ପ୍ରୋଗ୍ରାମ କୋଅର୍ଡିନେଟର ଭାବେ ୧୯୮୮ରେ ଯୋଗଦେଇଥିଲେ। ରାଜ୍ୟରେ ଆଇନସେବା କ୍ଷେତ୍ରରେ କରଙ୍କ ଅବଦାନ ଅତୁଳନୀୟ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ।

# ଥାନା ଅଧିକାରୀଙ୍କ ବଦଳି ଦାବିରେ ଧାରଣା

**ଖୁଣ୍ଟୁଣୀ,୩୧।୧(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଆଇଆଇସିଙ୍କ ମନମାନିତଥା ନିରୀହ ଲୋକଙ୍କୁ ଗିରଫ କରିବାକୁ ଭୟ ଦେଖାଇବା, କଣ୍ଡରେଇ ଓ ରାଧାକୃଷ୍ଣପୁର ପଞ୍ଚାୟତରେ ଚାଲୁଥିବା ବେଆଇନ ମଦ କାରବାରରେ ସମ୍ପୃକ୍ତ ରହିବା, ମନ ମୁତାବକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଇଆଇସିଙ୍କ ବଦଳି ଦାବିରେ ସୋମବାର ଉକ୍ତ ୨ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଆସି ଥାନାର ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। କଣ୍ଡରେଇ ପଞ୍ଚାୟତର ଯୁବ ନେତା ସୁଦାମ ଚରଣ ବେଉରାଙ୍କ ନେତୃତ୍ୱରେ ୪ ଶହରୁ ଊର୍ଦ୍ଧ୍ୱ ଲୋକ ଏକ ଶୋଭାଯାତ୍ରାରେ ଆସି ଧାରଣା ଦେଇଥିଲେ। ପରେ



ଥାନା ମୁଖ୍ୟ ଫାଟକ ସମ୍ମୁଖରେ ଲୋକମାନେ ଧାରଣା ଦେଇଛନ୍ତି।

ରାଧାକୃଷ୍ଣପୁରର ମଧ ଗ୍ରାମବାସୀ ସେଠାରେ ପହଞ୍ଚି ଧାରଣାରେ ସହଯୋଗ କରିଥିଲେ। ଖବରପାଇ ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ମଧାହ୍ନ ୧୨ଟାରେ ଘଟଣାସ୍ଥଳରେ ପହଞ୍ଚିବା ପରେ ଆଇଆଇସି ଗେଟ ପାଖକୁ ଆସିଥିଲେ। ଏସ୍‌ଡିପିଓ ଲେଙ୍କା ଦୀର୍ଘ ସମୟ ଧରି ଧାରଣାରତ ଲୋକମାନଙ୍କୁ ବୁଝାଇଥିଲେ ମଧ ସେମାନେ ଆଇଆଇସିଙ୍କ ବଦଳି ଦାବିରେ ଅଡ଼ିବସିବାରୁ କୌଣସି ଫଳ ମିଳି ନ ଥିଲା। ପରେ ଅପରାହ୍ନ ୩ଟାରେ ଟିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଇଥିଲେ ମଧ ସଫଳ ନ ହୋଇ ଫେରିଯାଇଥିଲେ। ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ନିର୍ବାଚନ କମିଶନଙ୍କ ଆଦେଶ ମୁତାବକ ଅବାଧ ମୁକ୍ତ ତଥା ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଜନସାଧାରଣ ଏଥିରେ ସହଯୋଗ କରୁଥିବା ବେଳେ ଆଇଆଇସି ଖୁଣ୍ଟିଆ ଅଶାନ୍ତି ବାତାବରଣ ସୃଷ୍ଟି କରୁଥିବା ଯୁବନେତା ବେଉରା ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଧାରଣାକାରୀମାନେ ଧାରଣାସ୍ଥଳରେ ଟେଣ୍ଟ କରିବା ସହିତ ରୋଷେଇ କରି ଖାଇବାର ବ୍ୟବସ୍ଥା କରୁଛନ୍ତି। ଏ ସମ୍ପର୍କରେ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, କୌଣସି ପ୍ରକାରର ବେଆଇନ କାମ କରି ନାହିଁ। ଏଥିପାଇଁ ଆନ୍ଦୋଳନକାରୀମାନେ ତାକୁ ଚ୍ୟାଲେଞ୍ଜ କରିପାରିବେ।